# ଗଞ୍ଜେଇ ଧରପଗଡ଼ କେବଳ ପ୍ରହସନ









**ବୌଦ୍ଧ,୨୫।୫(ଦିବ୍ୟ ରଞ୍ଜନ ପଟ୍ଟନାୟକ):** ଗଞ୍ଜେଇ ଏକ ଉଦ୍ଭିଦ ଜାତ ମାଦକ ଦ୍ରବ୍ୟ। ଭାରତ ସମେତ ପୃଥିବୀର ଅଧିକାଂଶ ଦେଶରେ ଏହା ଏକ ପ୍ରତିବନ୍ଧିତ ନିଶାଦ୍ରବ୍ୟ। ଏହାର ଉତ୍ପାଦନ, ବ୍ୟବସାୟ ଏବଂ ବ୍ୟବହାର ଉପରେ ଦେଶରେ ଆଇନଗତ ପ୍ରତିବନ୍ଧକ ଥିଲେ ମଧ୍ୟ ଓଡ଼ିଶାର କେତେକ ଜିଲ୍ଲାରେ ଗଞ୍ଜେଇ ଚାଷ ଜୋରସୋରରେ ହେଉଛି। ଏହି କ୍ରମରେ ବୌଦ୍ଧ ଜିଲ୍ଲାରେ ମଧ୍ୟ ଚାଲିଛି ଗଞ୍ଜେଇ ଚାଷ। କିଛି ଲୋକ ଏହାକୁ ଅର୍ଥକାରୀ ଫସଲ

- ମୂଳ ପର୍ଯ୍ୟନ୍ତ ଯିବାକୁ ଚେଷ୍ଟା କରୁନି ପୁଲିସ
- ଅବକାରୀ ବିଭାଗର କାର୍ଯ୍ୟାନୁଷ୍ଠାନ ନିହାତି ନଗଣ୍ୟ
- ଗଣମାଧ୍ୟମକୁ ତଥ୍ୟ ଦେବା ପାଇଁ ଅବକାରୀ ବିଭାଗର ଲାଜ
- ଗଞ୍ଜେଇ ଚାଷ ଜଙ୍ଗଲରେ ହେଉଛି; ହେଲେ ଜଙ୍ଗଲ ବିଭାଗ ନିଦାବିଷ୍ଟ
- ଚକ୍ରଡରେ କାଁ ଭାଁ ସାମିଲ ହେଉଛି ଜଙ୍ଗଲ ବିଭାଗ

ଭଳି ବ୍ୟବସାୟିକ ଭିତ୍ତିରେ ଚାଷ କରୁଛନ୍ତି। କମ୍ ଦିନରେ ମାତ୍ରାଧିକ ଅର୍ଥ ଉପାର୍ଜନ ମୋହରେ ଲୋକେ ଏହି ପ୍ରତିବନ୍ଧିତ ନିଶାଦ୍ରବ୍ୟ ଚାଷ ପ୍ରତି ଆକୃଷ୍ଟ ହେଉଛନ୍ତି। ବୌଦ୍ଧ ଜିଲ୍ଲାର ଟିକରପଡା, ଆମ୍ବଝରୀ, ଗୋଛାପଡା, ଶଗଡା, ବିରନରସିଂହପୁର, ବରଗାଁ ଆଦି ପଞ୍ଚାୟତ ଅଞ୍ଚଳର ସରକାରୀ ଜମି ଏବଂ ବରକଡା, ତୁତୁମସିଙ୍ଗା, ତୁମତୁମା, ବିଜାପଦାର, ବବଡ଼ା, ସାସ୍କାପଦର, ଖଣ୍ଡାପାଲି, ମାତାକୂପା ଆଦି ଜଙ୍ଗଲରେ ଗଞ୍ଜେଇ ଚାଷ ଅବାଧରେ ଚାଲିଛି। ଏହା ଏକ ବର୍ଷିକିଆ ଫସଲ ହୋଇଥିବା ସ୍ଥଳେ ଚାଷ ପରେ ଅନ୍ତିମ ବ୍ୟବହାର୍ଯ୍ୟ ପଦାର୍ଥକୁ ଚୋରାରେ ରାଜ୍ୟର ଅନ୍ୟାନ୍ୟ ଜିଲ୍ଲା ତଥା ରାଜ୍ୟ ବାହାରକୁ ଚାଲାଣ କରାଯାଏ। ଜିଲ୍ଲା ଅବକାରୀ ବିଭାଗ ଏବଂ ପୁଲିସ ବିଭାଗ ମଧ୍ୟ ଏହାର ଉତ୍ପାଦନ ଏବଂ ବ୍ୟବସାୟ ଉପରେ ରୋକ ଲଗାଇବା ପାଇଁ ଅନେକ ସମୟରେ ଧରପଗଡ଼ ଅଭିଯାନ କରିଥାନ୍ତି। ଜିଲ୍ଲା ପୁଲିସ ଗତ ୨୦୨୧ରୁ ୨୦୨୪ ଏପ୍ରିଲ ମଧ୍ୟରେ ୩୨୯ଟି ଚୋରା ଚାଲାଣ ମାମଲାରେ ୪୨୩ ଜଣଙ୍କୁ ଗିରଫ କରି ମୋଟ ୬୩୫୭୨ କେଜି ଗଞ୍ଜେଇ ଜବତ କରିଛି। ଏହି ସମୟ ମଧ୍ୟରେ ପୁଲିସ ୧ କୋଟି ୯୦ ଲକ୍ଷ ୫୩ ହଜାର ୮ ଶହ ୭୪ ଗଞ୍ଜେଇ ଗଛ ନଷ୍ଟ କରିଛି। ୪୧୦ଟି ମାମଲା ରୁଜୁ କରିଛି। ନଷ୍ଟ ହୋଇଥିବା ଗଞ୍ଜେଇ ଗଛର ଆନୁମାନିକ ମୂଲ୍ୟ ପ୍ରାୟ ୧୯୦୦ କୋଟି ଟଙ୍କା ହେବ। ସେହିପରି ଜିଲ୍ଲା ଅବକାରୀ ବିଭାଗ ୨୦୧୯ରୁ ୨୦୨୨ ଜାନୁଆରୀ ମଧ୍ୟରେ ୩୨ଟି ଗଞ୍ଜେଇ ମାମଲାରେ ୩୩ ଜଣଙ୍କୁ ଗିରଫ କରିଛି। ଏହି ସମୟ ମଧ୍ୟରେ ମାତ୍ର ୧୦୫୦ କିଲୋଗ୍ରାମ ଗଞ୍ଜେଇ ଜବତ କରିଛି। ସେହିପରି ଅବକାରୀ ବିଭାଗ ଏହି ସମୟ ମଧ୍ୟରେ ୫୩୪୧ ଏକର ଜମିରୁ ୫୩ ଲକ୍ଷ ୪୧ ହଜାର ୫ ଶହ ୫୦ ଗଞ୍ଜେଇ ଗଛ ନଷ୍ଟ କରିଛି। ଏହାର ଆନୁମାନିକ ମୂଲ୍ୟ ପ୍ରାୟ ୫୩୪ କୋଟି ଟଙ୍କା ହେବ। ଏସବୁ ଗଞ୍ଜେଇ ଗଛ ପୋଡି ନଷ୍ଟ କରି ଦିଆଯାଇଛି। ତେବେ ଚୋରା ନିଶାଦ୍ରବ୍ୟ ଜନିତ ଅପରାଧ ନିୟନ୍ତ୍ରଣ ଏବଂ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଅବକାରୀ ବିଭାଗର ପ୍ରାଥମିକ କାର୍ଯ୍ୟ ହୋଇଥିବା ବେଳେ ଜିଲ୍ଲାରେ ଗଞ୍ଜେଇ ଜନିତ ଅପରାଧ ନିୟନ୍ତ୍ରଣ କ୍ଷେତ୍ରରେ ପୁଲିସ ତୁଳନାରେ ଅବକାରୀ ବିଭାଗର କାର୍ଯ୍ୟାନୁଷ୍ଠାନ ନିହାତି ନଗଣ୍ୟ। ତେଣୁ ଜିଲ୍ଲା ଅବକାରୀ ବିଭାଗ ନିଜର ଅପାରଗତା ଲୁଚାଇବାକୁ ଏ ସମ୍ବନ୍ଧିତ ତଥ୍ୟ ଗଣମାଧ୍ୟମକୁ ଦେବା ପାଇଁ ଲଜ୍ୟା ଅନୁଭବ କରୁଛି। ସର୍ବାଧିକ ଗଞ୍ଜେଇ ଚାଷ ଜଙ୍ଗଲ ମଧ୍ୟରେ ହେଉଥିବା ବେଳେ ଜଙ୍ଗଲ ବିଭାଗ କିନ୍ତୁ ନିଦାବିଷ୍ଟ। ପୁଲିସ ବା ଅବକାରୀ ବିଭାଗ ସହ ମିଳିତ ଚକ୍ରଡରେ ଜଙ୍ଗଲ ବିଭାଗ କାଁ ଭାଁ ସାମିଲ ହେଉଛି। ଏ ବିଭାଗର ପଦକ୍ଷେପ ମଧ୍ୟ ଅତି ନଗଣ୍ୟ। ଜଙ୍ଗଲ ବିଭାଗ ଅଧିକାରୀଙ୍କ ସହ ସାଲାସୁତୁରାରେ ଜଙ୍ଗଲ ମଧ୍ୟରେ ଅବୈଧ ଭାବେ ଗଞ୍ଜେଇ ଚାଷ ହେଉଛି। ପୁଲିସ ବା ଅବକାରୀ ବିଭାଗ କିଛି ଚୋରା ଚାଲାଣକାରୀଙ୍କୁ ଗିରଫ କରୁଥିବା ବେଳେ ଏହି ବ୍ୟବସାୟର ଚେର ପର୍ଯ୍ୟନ୍ତ ଯିବାକୁ ଚେଷ୍ଟା କରୁନି। ପ୍ରାୟତଃ ଗଞ୍ଜେଇ ଚାଲାଣ ସମୟରେ ରାସ୍ତାରୁ ଗାଡି ସହିତ ଅଭିଯୁକ୍ତଙ୍କୁ ଗିରଫ କରାଯାଉଥିବା ବେଳେ ଏହାର ଉତ୍ସ ଏବଂ କେଉଁ ଅଞ୍ଚଳକୁ ତଥା କାହା ନିକଟକୁ ଏହି ନିଶାଦ୍ରବ୍ୟ ଚାଲାଣ ହେଉଛି ସେ ନେଇ ବିଶେଷ ଅନୁସନ୍ଧାନ ହେଉନାହିଁ। ଅନେକ ସମୟରେ କୁଇଣ୍ଟାଲ କୁଇଣ୍ଟାଲ ଗଞ୍ଜେଇ ରାସ୍ତା କଡ଼, ଗ୍ରାମ, ଜଙ୍ଗଲରୁ ଜବତ ହେଉଛି। ଅପରାଧୀ କିନ୍ତୁ ଧାରା ପଡୁନାହାନ୍ତି। ୨୦୨୩ ନଭେମ୍ବରରେ ଜଣେ ଡିଭିଏଫ କନଷ୍ଟେବଲ ଗଞ୍ଜେଇ ବେପାରୀଙ୍କଠାରୁ ୬ ଲକ୍ଷ ଟଙ୍କା ବଟି ଆଦାୟ କରି ଫେରୁଥିବା ବେଳେ ଭିଜିଲାନ୍ସ ହାତରେ ଧରାପଡ଼ିଥିଲେ। ସେହିପରି ଚଳିତ ବର୍ଷ ଏପ୍ରିଲରେ ଆଉ ଜଣେ ଡିଭିଏଫ କନଷ୍ଟେବଲ ଏକ କାରରେ ୫୮ କେଜି ଗଞ୍ଜେଇ ଚାଲାଣ କରୁଥିବା ବେଳେ ଅବକାରୀ ଦ୍ୱାରା ଧରା ପଡ଼ିଥିଲେ। ତେଣୁ ଏହି ଧନ୍ଦାରେ ପଦସ୍ଥ ଆଇନ ରକ୍ଷାକାରୀ ଅଧିକାରୀଙ୍କ ସମ୍ପୃକ୍ତିକୁ ମଧ୍ୟ ଅଣଦେଖା କରାଯାଇ ନ ପାରେ। ଏପରିକି ଭୁବନେଶ୍ୱରରୁ ଏସଟିଏଫ ଆସି ବୌଦ୍ଧରୁ ଗଞ୍ଜେଇ ଚୋରା ଚାଲାଣକାରୀଙ୍କୁ ଗିରଫ କରିଥିବାର ନଜିର ମଧ୍ୟ ରହିଛି। ୨୦୨୧ ନଭେମ୍ବରରେ ତତ୍କାଳୀନ ପୁଲିସ ମହା ନିର୍ଦ୍ଦେଶକ ଅଭୟ ବୌଦ୍ଧର ବରିଷ୍ଠ ପୁଲିସ ଅଧିକାରୀଙ୍କ ସହ ବୈଠକ କରିଥିଲେ। ଗଞ୍ଜେଇ ଚାଷୀ ଏବଂ ବ୍ୟବସାୟୀଙ୍କୁ ସାବଡ଼ କରାଯିବ ବୋଲି ଦମ୍ଭୋକ୍ତି ପ୍ରକାଶ କରିଥିଲେ। ଏ ପର୍ଯ୍ୟନ୍ତ କିନ୍ତୁ ସେଭଳି ଆଖିଦୃଷ୍ଟିଆ ପଦକ୍ଷେପ ଦେଖିବାକୁ ମିଳିନାହିଁ।

## ମନମୁଣ୍ଡା ବନାଞ୍ଚଳରେ ଗଣନା ଶେଷ; ୧୧ ହାତୀ ଠାବ



**ମନମୁଣ୍ଡା,୨୫।୫(ସମିସ):** ବୌଦ୍ଧ ବନଖଣ୍ଡରେ ହାତୀ ଗଣନା ଶେଷ ହୋଇଛି। ମନମୁଣ୍ଡା ବନାଞ୍ଚଳରେ ୧୧ ହାତୀ ଠାବ ହୋଇଛନ୍ତି। ଏଥିରେ ଗୋଟିଏ ଦନ୍ତା ହାତୀ, ଗୋଟିଏ ପୁରୁଷ ହାତୀ, ୬ଟି ମାଇ ହାତୀ ଏବଂ ୩ଟି ଛୁଆ ହାତୀ ରହିଥିବା ମନମୁଣ୍ଡା ବନ ଅଧିକାରୀ ଶ୍ରୀବତ୍ସ କୁମୁରା ସୂଚନା ଦେଇଛନ୍ତି। ସୁବର୍ଣ୍ଣଗିରି, ବାହାବଲଖୋଲ, ବଳମତୁମ୍ବା, ପେନଯୋର ଇତ୍ୟାଦି ସଂରକ୍ଷିତ ଜଙ୍ଗଲରେ ୬ଟି ୟୁନିଟ୍ ଓ ୫ଟି ନିରୀକ୍ଷଣ ମଞ୍ଚ କରାଯାଇଥିଲା। ବୌଦ୍ଧ ଏସିଏଫ୍ ମିନାକ୍ଷୀ କୁମୁରା, ବନରକ୍ଷୀ ଭକ୍ତ ଚରଣ ଭୋଇ, ସନ୍ତୋଷ ବାରିକ, ସୁନିଲ ମାଝୀ, ଫତିମା ବିବି, ମଞ୍ଜୁଲତା ସାହୁ, ଶୋଭାବତୀ ଜେନା, ମଧୁସ୍ମିତା ପାଇକରାୟଙ୍କ ସମେତ ୨୨ ଜଣ ବନ କର୍ମଚାରୀ ହାତୀ ଗଣନା କାର୍ଯ୍ୟରେ ନିୟୋଜିତ ହୋଇଥିଲେ।

## ଭୀଷଣ ଖରା ସହ ଗୁଲୁଗୁଲିରେ ଜନଜୀବନ ଅସ୍ତବ୍ୟସ୍ତ

- ରାସ୍ତା ଘାଟ ଜନ ଶୂନ୍ୟ
- ବାରମ୍ବାର ବିଦ୍ୟୁତ୍ କାଟ୍

**ହରଭଙ୍ଗା,୨୫।୫(ସମିସ):** ବୌଦ୍ଧ ଜିଲ୍ଲାରେ ଭୀଷଣ ଖରା ବଢିବା ସହ ଗୁଲୁଗୁଲିରେ ଜନଜୀବନ ଅସ୍ତବ୍ୟସ୍ତ ହୋଇ ପଡିଛି। ଦିନ ୮ଟା ନ ହେଉଣୁ ଲୋକେ ତ୍ରାହି ତ୍ରାହି ଡାକୁଛନ୍ତି। ଫ୍ୟାନ୍, କୁଲର, ଗଛତଳେ ଲୋକ ଆଶ୍ରୟ ନେଉଛନ୍ତି। ଦିନ ୯ଟା ବାଜିଲେ ରାସ୍ତାଘାଟ ଜନ ଶୂନ୍ୟ ହୋଇ ପଡୁଛି। ଦୋକାନ ବଜାର ବନ୍ଦ ହୋଇ ଯାଉଛି। ସନ୍ଧ୍ୟାରେ ଗୁଲୁଗୁଲି କଲବଲ କରୁଛି। ଅନ୍ୟପଟେ ରାସ୍ତ ଘାଟ କିମ୍ବା ଛକ ସ୍ଥାନରେ ପ୍ରଶାସନ ପକ୍ଷରୁ ଜଳଛତ୍ର ବ୍ୟବସ୍ଥା କରାଯାଇଥିଲେ ମଧ୍ୟ ଠିକ୍ ଭାବେ ପରିଚାଳନା କରାଯାଉନି। ବାଟୋଇ ପିଇବାକୁ ପାଣି ମୁନ୍ଦେ ପାଉନି।

## ସୁନାଖଣିଆରେ ୩୫ ଘଡିଆଳ କୁମ୍ଭୀର ଜନ୍ମ

- କୁମ୍ଭୀରଙ୍କ ସମ୍ପୂର୍ଣ୍ଣ ହେପାଜତ ରିସର୍ଚ୍ଚ ଟିମ୍ ହାତରେ
- ମହାନଦୀରେ ମାଛଧରା ଡଙ୍ଗା ଚଳପ୍ରଚଳ ବନ୍ଦ

**ହରଭଙ୍ଗା,୨୫।୫(ସମିସ):** ବୌଦ୍ଧ ଜିଲ୍ଲା କୁସଙ୍ଗ ମହାନଦୀ ବନ୍ୟପ୍ରାଣୀ ଅଞ୍ଚଳ ସୁନାଖଣିଆ ଅଞ୍ଚଳର ମହାନଦୀ ଗର୍ଭରେ ଶନିବାର ୩୫ଟି ଘଡିଆଳ କୁମ୍ଭୀର ଶାବକ ଜନ୍ମ ନେଇଥିବା ବନ୍ୟ ପ୍ରାଣୀ ବିଭାଗ ପକ୍ଷରୁ ସୂଚନା ମିଳିଛି। ଘଡିଆଳ କୁମ୍ଭୀର ରିସର୍ଚ୍ଚ ଟିମ୍‌ଙ୍କ କହିବା ଅନୁଯାୟୀ, ଘଡିଆଳ ପ୍ରଜାତିର କୁମ୍ଭୀର ଅଣ୍ଡା ଦେବାର ୩୪ ଦିନ ପରେ ଛୁଆ ଜନ୍ମ ନେଇଥାଏ। ୩୫ଟି ଅଣ୍ଡାରୁ ଛୁଆ ଜନ୍ମ ହୋଇଛନ୍ତି। ସୁନାଖଣିଆ ବିଟ୍‌ରେ କୃଷ୍ଣଚନ୍ଦ୍ର ଗିରି ସିସି କ୍ୟାମେରା ଦ୍ୱାରା କୁମ୍ଭୀରର ଗତିବିଧି ଲକ୍ଷ୍ୟ କରୁଥିବା ବେଳେ ମହାନଦୀର ଅପରପାଶ୍ୱର୍ ବଳଦମରା ବିଟ୍‌ରେ କ୍ରିଷ୍ଣା ଖାଁ ନାମକ ରିସର୍ଚ୍ଚ ଟିମ୍ ମାଇ କୁମ୍ଭୀର ଓ ଶାବକଙ୍କ ଗତିବିଧି ଉପରେ ନଜର ରଖିଛି। ସେହିଭଳି ମହାନଦୀ ଭିତରେ ମାଛଧରା ଡଙ୍ଗା ସମ୍ପୂର୍ଣ୍ଣ ଭାବେ ନିଷିଦ୍ଧ କରାଯାଇଛି ବୋଲି କୁସଙ୍ଗ ବନ୍ୟପ୍ରାଣୀ ରେଞ୍ଜର ସଂସାର ବର୍ଗିଆ ସୂଚନା ଦେଇଛନ୍ତି।

## ବିଦ୍ୟୁତ୍ ଆଘାତରେ ଜଣକର ମୃତ୍ୟୁ

**ବୌଦ୍ଧ,୨୫।୫(ସମିସ):** ବୌଦ୍ଧ ଥାନା ବଘିଆପଡା ପଞ୍ଚାୟତ ଝାଙ୍କରପଡାରେ ବିଦ୍ୟୁତ୍ ଆଘାତରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଶମ୍ଭୁ ମହାଲିକ। ସେ ତାଙ୍କ ଘର ପଛ ପଟେ ପମ୍ପ ଲଗାଇ ପାଣି କାଢିବା ସମୟରେ ଅସାବଧାନତା ବଶତଃ ବିଦ୍ୟୁତ୍ ସଂସ୍ପର୍ଶରେ ଆସିଥିଲେ। ଗୁରୁତର ଅବସ୍ଥାରେ ପରିବାର ବର୍ଗ ବୌଦ୍ଧ ଡାକ୍ତରଖାନା ଆଣିଥିଲେ। ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ବୌଦ୍ଧ ଆଦର୍ଶ ଥାନା ପୁଲିସ୍ ଡାକ୍ତରଖାନାରେ ପହଞ୍ଚି ମୃତଦେହ ଜବତ କରିବା ସହ ଶବାଗାରରେ ରଖିଛି। ରବିବାର ବ୍ୟବଚ୍ଛେଦ କରାଯିବ।

## ୩ କେଜି ଗଞ୍ଜେଇ ସହ ବାଇକ୍ ଜବତ

- ୩ ଗିରଫ

**ଶଗଡା,୨୫।୩(ସମିସ):** କନ୍ଧମାଳ ଅବକାରୀ ବିଭାଗ ଶିମିଳି ଜୋରା ଛକ ନିକଟରେ ୨ ଜଣ ଗଞ୍ଜେଇ ବ୍ୟବସାୟୀଙ୍କୁ ଗିରଫ କରିଛି। ଏମାନେ ହେଲେ ସୋନପୁର ଜିଲ୍ଲା ତରଭା ଥାନା ପାଣୀମୁରା ଗ୍ରାମର ଆଶିଷ କୁମ୍ଭାର (୨୦) ଓ ଇନ୍ଦ୍ରଜିତ ସେଠୀ (୨୭)। ଏମାନଙ୍କ ନିକଟରୁ ୩ କେଜି ଗଞ୍ଜେଇ ଜବତ ହୋଇଛି। ସେହିଭଳି ବାଇକ୍ ମଧ୍ୟ ଜବତ ହୋଇଛି। ପୂର୍ବରୁ ସୂଚନା ପାଇ କନ୍ଧମାଳ ଅବକାରୀ ଅଧିକାରୀ ସୂର୍ଯ୍ୟକାନ୍ତ ମଲ୍ଲିକଙ୍କ ନେତୃତ୍ୱରେ ଏକ ଟିମ୍ କନ୍ଧମାଳ ଥାନା ଶିମିଳି ଜୋରା ଛକ ନିକଟରେ ଜଗି ବସିଥିଲେ। ଏହି ସମୟରେ ଏକ ବାଇକ୍ (ଓଆର-୩୧-୨୪୫୨)ରେ ଏମାନେ ଗଞ୍ଜେଇ ଚୋରା ଚାଲାଣ କରୁଥିବାବେଳେ ଧରା ପଡିଥିଲେ। ସୁକେଶିନି କୁହୁର, ସଞ୍ଜୟ ସେଠୀ, ଶ୍ରୀକାନ୍ତ ବେହେରା ଓ ଆନନ୍ଦ ମେହେର ପ୍ରମୁଖ ଚକ୍ରଡରେ ସାମିଲ ଥିଲେ। ଏ ସଂକ୍ରାନ୍ତରେ କନ୍ଧମାଳ ଅବକାରୀ କାର୍ଯ୍ୟାଳୟରେ ଏକ ମାମଲା ରୁଜୁ କରାଯାଇଛି।

## ନାରଦ ଜୟନ୍ତୀ ପାଳିତ



**ସୋନପୁର, ୨୫।୫ (ସମିସ):** ସୁବର୍ଣ୍ଣପୁର ଜିଲ୍ଲା ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ପକ୍ଷରୁ ସଂଘ କାର୍ଯ୍ୟାଳୟରେ ନାରଦ ଜୟନ୍ତୀ ପାଳିତ ହୋଇଯାଇଛି। ସ୍ୱୟଂ ସେବକ ରଶ୍ମୀ ରଞ୍ଜନ ଦାଶଙ୍କ ସଂଯୋଜନାରେ ଅନୁଷ୍ଠିତ ନାରଦ ଜୟନ୍ତୀରେ ଆଇନଜୀବୀ ଶିବପ୍ରସାଦ ପାତ୍ର ଓ ରାଧାବଲ୍ଲଭ ଷଡ଼ଙ୍ଗୀ ଅତିଥି ଭାବେ ଯୋଗଦେଇ ସମାଜ ଓ ସଭ୍ୟତାକୁ ସଂସ୍କାରିତ କରିବାରେ ମହର୍ଷି ନାରଦଙ୍କ ଭୂମିକା ଉପରେ ଆଲୋକପାତ କରିଥିଲେ। ଏହା ସହ ସନାତନ ଧର୍ମର ଇତିହାସ, ଆର୍ଯ୍ୟ ସଭ୍ୟତା ଏବଂ ଗଣତନ୍ତ୍ରକୁ ସୁଦୃଢ଼ କରିବାରେ ଗଣମାଧ୍ୟମର ଅବଦାନ ସଂପର୍କରେ ଆଲୋଚନା କରିଥିଲେ। ବିଶେଷ କରି ଭାରତୀୟ ସଂସ୍କୃତି ଓ ପରମ୍ପରାକୁ ଉଜ୍ଜୀବିତ କରି ରଖିବାରେ ସାମ୍ବାଦିକଙ୍କ ଭୂମିକା ବେଶ ଗୁରୁତ୍ୱପୂର୍ଣ୍ଣ ବୋଲି ଅତିଥିମାନେ ପ୍ରକାଶ କରିଥିଲେ। ଏଥିରେ ଧୀରେନ୍ଦ୍ର ଦାନୀ, ରବୀନ୍ଦ୍ର ହୋତା, ବେଣୁଧର ପ୍ରଧାନ, ଶେଷଦେବ ବାରିକ, ସୁଶାନ୍ତ ପଣ୍ଡା ପ୍ରମୁଖ ସାମ୍ବାଦିକ ଯୋଗ ଦେଇଥିଲେ।

■ ୧୫ ଦିନ ହେଲା ନଳକୂପ ଅଚଳ

## ପାଣି ପାଇଁ ହନ୍ତସନ୍ତ କୁର୍ଡିପାଲି ଗ୍ରାମବାସୀ



**ଶଗଡ଼ା,୨୫।୫(ସମିସ):** ବୌଦ୍ଧ ଜିଲ୍ଲା କନ୍ଧମାଳ ବ୍ଲକ ଗୁଡ଼ଭେଲିପଦର ପଞ୍ଚାୟତ କୁର୍ଡିପାଲିରେ ଥିବା ନଳକୂପଟି ଦୀର୍ଘ ୧୫ଦିନ ହେବ ଅଚଳ ହୋଇ ପଡ଼ିରହିଛି। ଏଣୁ ଗାଁର ୨୫ ପରିବାର ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଅଚଳ ନଳକୂପକୁ ମରାମତି କରିବାକୁ ଗ୍ରାମବାସୀ ସ୍ଥାନୀୟ ଜନପ୍ରତିନିଧିଙ୍କଠାରୁ ଆରମ୍ଭ କରି ବିଭାଗୀୟ ଅଧିକାରୀଙ୍କୁ ଅଭିଯୋଗ କଲେ ମଧ୍ୟ ଏହାର କୌଣସି ସମାଧାନ ହୋଇ ନ ଥିବା ଅଭିଯୋଗ ହୋଇଛି। ପ୍ରବଳ ଖରା ହେଉଥିବାରୁ ପ୍ରଶାସନ ପକ୍ଷରୁ ନଳକୂପ ଖରାପ ହେବାର ୨୪ଘଣ୍ଟା ମଧ୍ୟରେ ମରାମତି କରିବାର ନିୟମ ଅଛି। ବିଭାଗୀୟ ଅଧିକାରୀଙ୍କ ଖାମଖିଆଲି ମନୋଭାବ ଯୋଗୁଁ ୧୫ଦିନ ହେବ ନଳକୂପ ମରାମତି ହୋଇ ପାରି ନ ଥିବା ଦୁଃଖର ବିଷୟ ବୋଲି ଗ୍ରାମବାସୀ କହିଛନ୍ତି। ଏଣୁ ବିଭାଗୀୟ ଅଧିକାରୀଙ୍କ କାର୍ଯ୍ୟଦକ୍ଷତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ପାଣି ଭଳି ଅତ୍ୟାବଶ୍ୟକୀୟ ସାମଗ୍ରୀର ଆବଶ୍ୟକତା ସହ ଲୋକଙ୍କ ସୁବିଧାକୁ ଆଖି ଆଗରେ ରଖି ଅଚଳ ନଳକୂପ ତୁରନ୍ତ ମରାମତି କରି ଲୋକଙ୍କ ପାଣି ସମସ୍ୟା ଦୂର କରିବାକୁ ଗ୍ରାମବାସୀ ଦାବି କରିଛନ୍ତି।

- ଚାରିଛକ ଏଟିଏମ ସମ୍ମୁଖରେ କୁଢ଼ କୁଢ଼ ମଇଳା

## ବ୍ୟାଙ୍କର ଦୃଷ୍ଟି ପଡୁନି, ଗ୍ରାହକ ଅସନ୍ତୋଷ



**ହରଭଙ୍ଗା,୨୫।୫(ସମିସ):** ହରଭଙ୍ଗା ବ୍ଲକ ସଦର ମହାକୁମା କୁହାଯାଉଥିବା ଚାରିଛକ ବଜାର ଉପରେ ଥିବା ଏଟିଏମ ସମ୍ମୁଖରେ କୁଢ଼ କୁଢ଼ ମଇଳା ଗଦା ହୋଇଥିବା ଦେଖିବାକୁ ମିଳିଛି। ନା ବିଭାଗ ଦୃଷ୍ଟି ପଡୁଛି ନା ଏଟିଏମ ଦାୟିତ୍ୱରେ ଥିବା କର୍ମଚାରୀଙ୍କ ନଜରରେ ଆସୁଛି। ଚାରିଛକ ବଜାର ଉପରେ ଷ୍ଟେଟ ବ୍ୟାଙ୍କର ଏକ ଏଟିଏମ ରହିଛି। ଏଠାରେ ସର୍ବଦା ଗ୍ରାହକଙ୍କ ଭିଡ ପରିଲକ୍ଷିତ ହୋଇଥାଏ। ଚାରିଛକକୁ ଦୈନିକ ଲୋକେ ବ୍ଲକ କାର୍ଯ୍ୟ ହେଉ, କିମ୍ବା କୋର୍ଟ କାର୍ଯ୍ୟ ପାଇଁ ହେଉ ଆସିଥାନ୍ତି। ଏଠି ସମସ୍ତ ସରକାରୀ କାର୍ଯ୍ୟାଳୟ ରହିଛି। ଏହାସହ ଅଞ୍ଚଳର ଲୋକେ ବାଣିଜ୍ୟ, ବ୍ୟବସାୟ ପାଇଁ ବଜାର ଉପରେ ନିର୍ଭର କରନ୍ତି। ଅନ୍ୟପଟେ ଏଟିଏମଟି ଜାତୀୟ ରାଜପଥ କଡ଼ରେ ଥିବା ବେଳେ ସର୍ବଦା ଗ୍ରାହକଙ୍କ ଲମ୍ବା ଧାଡି ଦେଖିବାକୁ ମିଳିଥାଏ; କିନ୍ତୁ ଏଟିଏମ୍ ସମ୍ମୁଖରେ କୁଢ଼ କୁଢ଼ ମଇଳା ପଡିବା, ଏସି ନ ଚାଲିବା ଷ୍ଟେଟ୍ ବ୍ୟାଙ୍କ ଗ୍ରାହକଙ୍କ ପ୍ରତି କେତେ ଯତ୍ନବାନ ଏଥିରୁ ଅନୁମେୟ।

ବାଉଁଶ ତିଆରି ସାମଗ୍ରୀର ଆଦର କମିନି

# ଏବେ ବି ଖୋଜାପଡ଼େ ଭୁଗା, ଟୋପା, କୁଲେଇ



**ସୋନପୁର,୨୫।୫(ସମିସ):** ଆଧୁନିକ ମାଡରେ ପାରମ୍ପରିକ ଜିନିଷର ଆଦର କମିବାକୁ ବସୁଛି। ତେବେ ବଜାରରେ ପ୍ଲାଷ୍ଟିକ୍‌ରେ ନିର୍ମିତ ଭଳିକି ଭଳି ସାମଗ୍ରୀ ମିଳୁଥିବା ସତ୍ତ୍ୱେ ପଶ୍ଚିମ ଓଡ଼ିଶାର ଘରେ ଘରେ ଭୁଗା, କୁଲା, ଚାଙ୍ଗରି, ଡଲା ଆଦି ସାମଗ୍ରୀର ଆଜି ବି ଆଦର ରହିଛି। ପ୍ଲାଷ୍ଟିକ ନିର୍ମିତ ଏହି ସବୁ ସାମଗ୍ରୀ କମ୍ ଦାମରେ ଉପଲବ୍ଧ ହେଲେ ମଧ୍ୟ ଲୋକେ ବାଉଁଶ ତିଆରି ଜିନିଷକୁ ଭୁଲି ପାରୁ ନାହାନ୍ତି। ବାଉଁଶ ପାତିଆ ଉପରେ ସବୁଜ, ନାଲି ଆଦି ରଙ୍ଗ ଚିତ୍ରିତ କରି ଏହି ସବୁ ଜିନିଷକୁ ଖୁବ୍ ଆକର୍ଷଣୀୟ ଭାବେ ବାଉଁଶ କାରିଗର ତିଆରି କରନ୍ତି। ପୂଜା ପାର୍ବଣ, ବିବାହ ବ୍ରତ ଆଦି ଶୁଭ କାର୍ଯ୍ୟରେ ଏଭଳି ବାଉଁଶ ତିଆରି ଜିନିଷକୁ ଲୋକେ ଖୋଜି ବୁଲନ୍ତି। ବାହାଘର ଋତୁ ଆସିଲେ ବିଭିନ୍ନ ସାପ୍ତାହିକ ହାଟରେ ଭୁଗା, ଟୁପା, କୁଲା, ଚାଙ୍ଗରି ଆଦିର ବେପାର ବଢେ। ଏହି ସବୁ ଜିନିଷ ବିକ୍ରି କରି ଭଲ ଦୁଇ ପଇସା ରୋଜଗାର କରନ୍ତି ବାଉଁଶ କାରିଗର। ସୋନପୁର ବାରପାହାଡ ଜଙ୍ଗଲ ନିକଟସ୍ଥ କିଛି ଗ୍ରାମବାସୀଙ୍କ ପାଇଁ ଏବେ ଏଭଳି ବାଉଁଶ ତିଆରି ସାମଗ୍ରୀ ରୋଜଗାରର ମୁଖ୍ୟ ମାଧ୍ୟମ ସାଜିଛି। କିଛି ଲୋକ ନିଜେ ତିଆରି କରି ହାଟରେ ବିକ୍ରି କରୁଥିବା ବେଳେ ଆଉ କେତେକ ବାଉଁଶ କାରିଗରଙ୍କଠୁ କିଣି ବିଭିନ୍ନ ସ୍ଥାନ ବୁଲି ବୁଲି ବିକ୍ରି କରୁଛନ୍ତି। ବିଶାଳପାଲି ଗାଁର ମୋହନଙ୍କ କହିବା ଅନୁସାରେ ଭୁଗା ପ୍ରତି ୬୦ରୁ ୮୦, କୁଲା ୧୦୦ରୁ ୧୫୦, ଡଲା ୭୦ରୁ ୧୦୦ ଏବଂ ବାନ୍ହି୪୦ରୁ ୫୦ ଟଙ୍କାରେ ବିକ୍ରି କରନ୍ତି। ଏହି ସବୁ ସାମଗ୍ରୀ ବିକ୍ରି କରି ସେ ଦୈନିକ ୩୦୦ରୁ ୫୦୦ ଟଙ୍କା ରୋଜଗାର କରନ୍ତି। ଏଥିରେ ତାଙ୍କ ୫ ପ୍ରାଣୀ କୁଟୁମ୍ବ ଚଳିବାରେ କୌଣସି ସମସ୍ୟା ହେଉନାହିଁ। ସୋନପୁର ଜିଲ୍ଲାର ବିନିକା, ଲଚ୍ଛିପୁର ଏବଂ ସମ୍ବଲପୁର ଜିଲ୍ଲାର ଧମା ଆଦି ସ୍ଥାନରୁ ମୋହନ ବାଉଁଶରେ ତିଆରି ଜିନିଷ କିଣି ଆଣି ବିଭିନ୍ନ ହାଟରେ ବିକ୍ରି କରନ୍ତି। ହାଟରେ ପ୍ଲାଷ୍ଟିକ ସାମଗ୍ରୀ ଅପେକ୍ଷା ଏହାର ଅଧିକ ଆଦର ରହିଥିବା ସେ କହିଛନ୍ତି। ଡୁଙ୍ଗୁରିପାଲି କଲେଜର ଅଧ୍ୟାପକ କିଶୋର ମେହେର ବାଉଁଶ ତିଆରି ଜନିଷି ମୁଣ୍ଡାଇ ଥିବା ଜଣେ ଲୋକର ଫଟୋ ସେୟାର କରି ଟ୍ୱିଟର୍‌ରେ ଲେଖିଛନ୍ତି ଧୀରେ ଧୀରେ ଏମାନେ ତଥାକଥିତ ମୁଖ୍ୟ ଧାରାରୁ ଅପସରି ଯାଉଛନ୍ତି। ସହରିଆଙ୍କ ପାଇଁ ଏହି ଭୁଗା, ଟୁପା ଅଲୋଡା ହେବାରେ ଲାଗିଛି; କିନ୍ତୁ ଗାଁରେ ଝିଅ ବାହାଘରରେ ଏ ସବୁକୁ ବାଦ ଦେଇ ହେବ ନାହିଁ। ପ୍ଲାଷ୍ଟିକ ସାମଗ୍ରୀ ପରିବେଶ ପ୍ରଦୂଷଣ ମାତ୍ରା ବଢାଇ ଥାଏ; କିନ୍ତୁ ବାଉଁଶରେ ତିଆରି ସାମଗ୍ରୀ ଦେଖିବାକୁ ସୁନ୍ଦର ଏବଂ ପରିବେଶ ପ୍ରିତ ମଧ୍ୟ ଅନୁକୂଳ। ତେଣୁ ଆଧୁନିକତାର ମାଡରେ ମଧ୍ୟ ବାଉଁଶରେ ତିଆରି ସାମଗ୍ରୀର ଚାହିଦା କମିନି।

# ଶ୍ରମିକ ନେତାଙ୍କ ବିୟୋଗରେ ପରିବହନ ଶ୍ରମିକଙ୍କ ଶୋକ




**ରାଉରକେଲା, ୨୫।୫(ସମିସ):** ଅଲ୍ ଇଣ୍ଡିଆ ରୋଡ୍ ଟ୍ରାନ୍ସପୋର୍ଟ ୱାର୍କର୍ସ ଫେଡେରେସନ୍ (ସିଆଇଟିୟୁ)ର ପୂର୍ବତନ ଓଡ଼ିଶା ରାଜ୍ୟ ସାଧାରଣ ସମ୍ପାଦକ ତଥା ସିଆଇଟିୟୁ ରାଜ୍ୟ ଉପସଭାପତି ରାଧାରମଣ ଷଡ଼ଙ୍ଗୀଙ୍କର ଗତ ୧୪ ତାରିଖ ୭୨ ବର୍ଷ ବୟସରେ ଦେହାନ୍ତ ହୋଇଛି। ତାଙ୍କ ଅମ୍ଳାନ ସ୍ମୃତି ପ୍ରତି ଶ୍ରଦ୍ଧାଞ୍ଜଳି ଜଣାଇ ଶନିବାର ରାଉରକେଲା ନୂଆ ବସଷ୍ଟାଣ୍ଡରେ ସୁନ୍ଦରଗଡ଼ ମଟର କର୍ମଚାରୀ ସଂଘ ଓ ରାଉରକେଲା ମିନିବସ ଆସୋସିଏସନ୍ (ସିଆଇଟିୟୁ) ପକ୍ଷରୁ ଏକ ଶୋକସଭା ଅନୁଷ୍ଠିତ ହୋଇଛି। ଉଭୟ ୟୁନିୟନର ସାଧାରଣ ସମ୍ପାଦକ ତଥା ସିଆଇଟିୟୁ ରାଜ୍ୟ ଉପସଭାପତି ବିମାନ ମାଇତି ପ୍ରୟାତ ସାଥୀ ରାଧାରମଣ ଷଡ଼ଙ୍ଗୀଙ୍କ ସ୍ମୃତିଚାରଣ କରି ତାଙ୍କ ସମଗ୍ର ଜୀବନ ସେ ଶ୍ରମିକଙ୍କ ଆନ୍ଦୋଳନ ପ୍ରତି ଉତ୍ସର୍ଗୀକୃତ କରିଥିଲେ ବୋଲି କହିଥିଲେ। ରାଜ୍ୟରେ ପରିବହନ ଶ୍ରମିକମାନଙ୍କୁ ଏକଜୁଟ କରି ସେମାନଙ୍କ ପ୍ରତି ହେଉଥିବା ଅନ୍ୟାୟ ବିରୋଧରେ ସ୍ୱର ଉତ୍ତୋଳନ କରିଥିବା କହିଥିଲେ। ୟୁନିୟନର ଉପସଭାପତି ରାଜକିଶୋର ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଶୋକସଭାରେ ସମ୍ପାଦକ ଅକ୍ଷୟ ମହାନ୍ତ, ଅରୁଣ ମହାରଣା, ଶୁଭେନ୍ଦୁ ମହାନ୍ତି, ତଲତ ମେହମୁଦ, ଏମ୍ଏ ରବି, ମୀନକେତନ ରାଉତ, ରମେଶ ଚୌଧୁରୀ, ଅବଦୁଲ ରୋଫ, ବିନୋଦ ସିଂ, ଗୋପାଳ ହାଜରା, ଦୀନବନ୍ଧୁ ନାୟକ ପ୍ରମୁଖ ପ୍ରୟାତ ସାଥୀ ରାଧାରମଣ ଷଡ଼ଙ୍ଗୀଙ୍କ ଫଟୋଚିତ୍ରରେ ପୁଷ୍ପ ପ୍ରଦାନ କରିବା ସହ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ।

# ୯ରେ ଗରିମା ପକ୍ଷରୁ ରଜ ରାଜକୁମାରୀର ଅଡିସନ୍

**ରାଉରକେଲା, ୨୫।୫(ସମିସ)**



ଗରିମା ପରିବାର ଆୟୋଜିତ ରଜ ରାଜକୁମାରୀ (ସିଜନ-୩)ର ଅଡିସନ ଆସନ୍ତା ଜୁନ୍ ୯ ତାରିଖ ପୂର୍ବାହ୍ନ ୯ଟାରେ ରାଉରକେଲା କ୍ଲବ୍‌ରେ ଅନୁଷ୍ଠିତ ହେବ। ସେହେନାଇ ମଣ୍ଡପରେ ଅନୁଷ୍ଠାନ ପକ୍ଷରୁ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଏ ନେଇ ସୂଚନା ଦିଆଯାଇଛି। ସାମ୍ବାଦିକ ସମ୍ମିଳନୀରେ ଗରିମା ପରିବାର ମୁଖ୍ୟ ପୃଷ୍ଠପୋଷକ ଶଙ୍କର ଜେନା, ଅଧ୍ୟକ୍ଷା ନୀହାରିକା ବସ୍ତିଆ, ସଭାପତି ମମତା ନାୟକ ପ୍ରମୁଖ ଯୋଗଦେଇ କହିଲେ ଯେ ରଜ ରାଜକୁମାରୀ ଅଡିସନରେ ୧୪ରୁ ୨୪ ବର୍ଷ ବୟସ ପର୍ଯ୍ୟନ୍ତ ଝିଅମାନେ ଅଂଶଗ୍ରହଣ କରିପାରିବେ। ସେହିପରି ରଜ ସଜବାଜ ପାଇଁ ବୟସସୀମା ୧୫ ବର୍ଷରୁ ଉର୍ଦ୍ଧ୍ୱ ଓ ପୋଡ଼ପିଠା ପାଇଁ ୨୦ ବର୍ଷରୁ ଉର୍ଦ୍ଧ୍ୱ ରଖାଯାଇଛି। ତେବେ ପୁଚିଖେଳ ପାଇଁ କୌଣସି ବୟସସୀମା ଧାର୍ଯ୍ୟ କରାଯାଇନାହିଁ। ଏଥିପାଇଁ ଗତ ମେ ୧୦ରୁ ପଞ୍ଜୀକରଣ ଆରମ୍ଭ ହୋଇସାରିଛି। ଏହା ଜୁନ ୭ ପର୍ଯ୍ୟନ୍ତ ଚାଲିବ। ଅଡିସନରେ ସ୍ୱତନ୍ତ୍ର ଅତିଥି ଭାବେ ଓଲିଉଡ୍ ଅଭିନେତ୍ରୀ ଶ୍ରେୟା ମହାନ୍ତି ଯୋଗଦେବା ପାଇଁ ସ୍ୱୀକୃତି ପ୍ରଦାନ କରିଛନ୍ତି। ସେହିପରି ଜୁନ୍ ୧୭ରେ ହେବାକୁ ଥିବା ଗ୍ରାଣ୍ଡ ଫିନାଲେ ଦିନ ଓଲିଉଡ୍ ଅଭିନେତା ପୁପିନ୍ଦର ଓ ଅଭିନେତ୍ରୀ ଦେବସ୍ମିତା ମୁଖ୍ୟ ଆକର୍ଷଣ ହେବେ ବୋଲି କହିଥିଲେ। ସାମ୍ବାଦିକ ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ସମ୍ପାଦିକା ଡ. ସରିତା ମଲ୍ଲ, ପ୍ରଣତୀ ଜେନା, ଶାନ୍ତିଲତା ବାରିକ, ସନ୍ତୋଷୀ ମଲ୍ଲିକ, ରେବତୀ ବାରିକ, ଶଙ୍ଖରିନା ପ୍ରଧାନ, ଲୀନା ତ୍ରିପାଠୀ, ଦେବସ୍ମିତା ଶତପଥୀ, ଲୁସି ଦାଶ, ମୋନାଲିସା ସାହୁ, ମୌସମୀ ଆଚାର୍ଯ୍ୟ, ସୁନିତା ଶ୍ରୀନିବାସନ, ମମତା ଦାସ, ମୀନାକ୍ଷୀ ପାଢ଼ୀ, ସସ୍ମିତା ମିଶ୍ର, ସବିତା ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ବ୍ୟାଙ୍କ ଅଧିକାରୀଙ୍କୁ ବିଦାୟ ସମ୍ବର୍ଦ୍ଧନା



**ରାଉରକେଲା, ୨୫।୫(ସମିସ):** ଭାରତୀୟ ଷ୍ଟେଟ ବ୍ୟାଙ୍କ, ରାଉରକେଲା ଟାଉନସିପର ସହାୟକ ମହାପ୍ରବନ୍ଧକ ସରୋଜ ରାଉତରାୟଙ୍କର ଭୁବନେଶ୍ୱର ବଦଳି ହୋଇଛି। ରାଉତରାୟ ଜଣେ ଦାୟିତ୍ୱସମ୍ପନ୍ନ ଅଧିକାରୀ ତଥା ଶାନ୍ତ, ସରଳ ଓ ମେଳାପୀ ବ୍ୟକ୍ତି ଅଟନ୍ତି। ପେସାରେ ସେ ବ୍ୟାଙ୍କର ହୋଇଥିଲେ ମଧ୍ୟ ଜଣେ ସମାଜସେବୀ, ପରୋପକାରୀ ଓ ବହୁମୁଖୀ ପ୍ରତିଭାର ଅଧିକାରୀ ଅଟନ୍ତି। ଗ୍ରାହକଙ୍କ ସନ୍ତୁଷ୍ଟି ତାଙ୍କ ମୂଳଲକ୍ଷ୍ୟ ଥିବା ବେଳେ ସେ ଦୀର୍ଘ ଦୁଇ ବର୍ଷ ଧରି ଏଠାରେ ନିଷ୍ଠାର ସହ କାର୍ଯ୍ୟ କରିଛନ୍ତି। ସେ ବ୍ୟାଙ୍କ୍ ଭିତରେ ଏବଂ ବାହାରେ ସବୁ କର୍ମଚାରୀ ଓ ଗ୍ରାହକଙ୍କ ସହିତ ଅତି ସୁନ୍ଦର ବ୍ୟବହାର କରିବା ସହ ମଧୁର ସମ୍ପର୍କ ରଖି ଆତ୍ମୀୟତାର ସହ ଗୋଟିଏ ସୂତ୍ରରେ ବାନ୍ଧି ରଖିବାର ପ୍ରୟାସ କରିଆସିଥିବାରୁ ସମସ୍ତଙ୍କ ହୃଦୟରେ ତାଙ୍କ ପ୍ରତି ଭଲପାଇବା ସୃଷ୍ଟି ହୋଇପାରିଛି। ଏଥିପାଇଁ ସେ ରାଉରକେଲାର ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ସମ୍ମାନିତ ହେବା ସହ ଅନେକ ପ୍ରଶଂସାପତ୍ର ସାଉଁଟିଛନ୍ତି। କେବଳ ସେତିକି ନୁହେଁ, ବିଭିନ୍ନ ସମୟରେ ଲୋକମାନଙ୍କର ସୁବିଧା ପାଇଁ ରକ୍ତଦାନ ଶିବିର ମାଧ୍ୟମରେ ସାହାଯ୍ୟ କରିବା, ବିପଦ ଆପଦରେ ଲୋକଙ୍କ ପାଖରେ ଠିଆହେବା ତାଙ୍କ ବ୍ୟକ୍ତିତ୍ୱର ଅନ୍ୟଏକ ଦିଗ। ଏତଦ୍‌ବ୍ୟତୀତ ସେ ଜଣେ ସଂସ୍କୃତିପ୍ରେମୀ କଳାନୁରାଗୀ ମଧ୍ୟ। ତାଙ୍କ ଜୀବନରେ ସେ ଅନେକ ସାଂସ୍କୃତିକ କାର୍ଯ୍ୟ କରି ଲୋକଙ୍କ ପାଖରେ ଉଚ୍ଚ ପ୍ରଶଂସିତ ହୋଇଛନ୍ତି। ଏ ଭଳି ଜଣେ ବ୍ୟକ୍ତିତ୍ୱ ଭାବେ ପରିଚିତ ରାଉତରାୟଙ୍କୁ ବ୍ୟାଙ୍କ କର୍ମଚାରୀଙ୍କ ସହ ଅନ୍ୟ ବ୍ୟକ୍ତିମାନେ ଭାବବିହ୍ୱଳ ବିଦାୟ ସମ୍ବର୍ଦ୍ଧନା ଦେଇଥିଲେ। ସମ୍ବର୍ଦ୍ଧନା ପ୍ରତ୍ୟୁତ୍ତରରେ ରାଉତରାୟ ରାଉରକେଲା ରହଣି ଓ ସହରର ଭାଇଚାରା ସବୁଦିନ ପାଇଁ ମନରହିବ ବୋଲି କହିଥିଲେ।

# ୪ ବଳଦଙ୍କ ଜୀବନ ନେଲା ବିଦ୍ୟୁତ୍ ତାର

**ଶଗଡ଼ା, ୨୫।୫ (ସମିସ):** କଣ୍ଡାମାଳ ଗ୍ରାମରେ ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ୪ଟି ବଳଦଙ୍କ ମୃତ୍ୟୁ ଘଟିଥିବା ଅଭିଯୋଗ ହୋଇଛି। ଘନଶ୍ୟାମ ଦଳବେହେରାଙ୍କ ଏହି ବଳଦ ୪ଟି କଣ୍ଡାମାଳ ପଟୁ କିନିକୁପା ଆଡ଼କୁ ଯାଉଥିଲେ; ହେଲେ ଭୂମିରୁ ଅଳ୍ପ ଉଚ୍ଚରେ ଯାଇଥିବା ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସିବାରୁ ମୃତ୍ୟୁ ଘଟିଥିଲା। ଏ ନେଇ ଘନଶ୍ୟାମ ବିଦ୍ୟୁତ ବିଭାଗ ସହ କଣ୍ଡାମାଳ ଥାନାରେ ଅଭିଯୋଗ କରିଥିଲେ। ଖବର ପାଇ ବିଦ୍ୟୁତ୍ ବିଭାଗ ଏସ୍‌ଡିଓ ଡିଲେଶ୍ୱର୍ ଆଚାରି ଘଟଣା ସ୍ଥଳରେ ପହଞ୍ଚି ଥିଲେ। ବ୍ୟବଚ୍ଛେଦ ପରେ ଗାତ ଖୋଳି ବଳଦଗୁଡ଼ିକୁ ପୋତି ଦିଆଯାଇଛି। ତେବେ ବିଦ୍ୟୁତ ବିଭାଗ ତାଙ୍କୁ ମାତ୍ର ୩୦ ହଜାର ଟଙ୍କା ପ୍ରଦାନ କରିବାରୁ ସେ ତାହା ଗ୍ରହଣ କରିବାକୁ ମନା କରି ଦେଇଥିଲେ।

# 'ହୁ' ଦ୍ୱାରା ଡକ୍ୟୁମେଣ୍ଟାରୀ ଫିଲ୍ମ 'ଦ ସାଇଲେଣ୍ଟ ଏପିଡେମିକ୍' ପୁରସ୍କୃତ

**ଭବାନୀପାଟଣା,୨୫।୫(ସମିସ):** କଳାହାଣ୍ଡିର ସାରିକା ପଣ୍ଡା ଭଟ୍ଟ ଓ ଟିଟିଲାଗଡ଼ର ଜିତେନ୍ଦ୍ର ମିଶ୍ରଙ୍କ ମିଳିତ ପ୍ରଯୋଜନାରେ ନିର୍ମିତ ଡକ୍ୟୁମେଣ୍ଟାରି ଫିଲ୍ମ 'ଦ ସାଇଲେଣ୍ଟ ଏପିଡେମିକ୍' ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (ଡବ୍ଲ୍ୟୁଏଚ୍‌ଓ) ଦ୍ୱାରା ହେଲ୍ଥ ଫର୍ ଅଲ୍ ଫିଲ୍ମ ଫେଷ୍ଟିଭାଲରେ ପୁରସ୍କୃତ ହୋଇଛି। ସାରିକା ପଣ୍ଡାଙ୍କ ରାହାଗିରି ଫାଉଣ୍ଡେସନ, ଜିତେନ୍ଦ୍ର ମିଶ୍ରଙ୍କ ସିନେମା ଫର୍ ଗୁଡ୍, ପଦ୍ମଶ୍ରୀ ଡ. ଦୀପା ମଲ୍ଲିକ ଓ ଦେବିକା ମଲ୍ଲିକଙ୍କ ହୁଇଲିଙ୍ଗ ହାପିନେସ୍ ସଂସ୍ଥା ଦ୍ୱାରା ଏହା ପ୍ରସ୍ତୁତ କରାଯାଇଥିଲା। ଓଡ଼ିଶା ସରକାରଙ୍କ ପରିବହନ ବିଭାଗ ଦ୍ୱାରା ଜାତୀୟ ସଡ଼କ ସୁରକ୍ଷା ସର୍ଟ ଫିଲ୍ମ ଫେଷ୍ଟିଭାଲରେ ଏହା ପୁରସ୍କୃତ ହୋଇ ସାରିଛି। ସେହିଭଳି ଗୋଆରେ ଅନୁଷ୍ଠିତ ଇଣ୍ଟରନ୍ୟାସନାଲ ପର୍‌ପଲ୍ ଫେଷ୍ଟରେ ମଧ୍ୟ ପୁରସ୍କୃତ ହୋଇଛି। ଦିଲ୍ଲୀର ଫିଲ୍ମ ନିର୍ମାତା ଅକ୍ଷତ ଗୁପ୍ତା ନିର୍ଦ୍ଦେଶନା ଦେଇଥିବା ବେଳେ ଆକାଶ ବସୁ ସହନିର୍ଦ୍ଦେଶନା ଦେଇଛନ୍ତି। ଫିଲ୍ମଟି ପୂର୍ବରୁ ଜର୍ମାନୀର ବର୍ଲିନ, ଲଣ୍ଡନ, ଦୁବାଇ, ସ୍ପେନ୍ ଓ କାନ୍ସ ଫିଲ୍ମ ଫେଷ୍ଟିଭାଲରେ ପ୍ରଦର୍ଶିତ ହୋଇ ପ୍ରଶଂସିତ ମଧ୍ୟ ହୋଇଥିଲା। ଚଳିତ ବର୍ଷ ଜେନେଭାରେ ଡବ୍ଲ୍ୟୁଏଚ୍‌ଓ ପକ୍ଷରୁ ଅନୁଷ୍ଠିତ ହେଲ୍‌ଥ ଫର୍ ଅଲ୍ ଫିଲ୍ମ ଫେଷ୍ଟିଭାଲରେ ପ୍ରଦର୍ଶିତ ହୋଇ ଉଚ୍ଚ ପ୍ରଶଂସିତ



ହୋଇଥିଲା। ଫିଲ୍ମଟି ୪ଟି ବିଭିନ୍ନ ସଡ଼କ ଦୁର୍ଘଟଣାରେ ଆହତ ହୋଇ ନିଜ ଜୀବନ ସହିତ ସଂଗ୍ରାମ କରିବା ସହିତ ପାରା ଅଲିମ୍ପିକ ଗୋଲ୍ଡ ମେଡାଲିଷ୍ଟ ସୁମିତ ଅନ୍ତିମଙ୍କ ଉପରେ ଆଧାରିତ ସଡ଼କ ଦୁର୍ଘଟଣା ଉପରେ ସଚେତନତାଧର୍ମୀ ଡକ୍ୟୁମେଣ୍ଟାରୀ ଫିଲ୍ମକୁ ନେଇ ଏବେ ଚର୍ଚ୍ଚା ଜୋର୍ ଧରିଛି।

# ସମାଜସେବୀଙ୍କ ବିୟୋଗରେ ଶୋକସଭା



**ରାଉରକେଲା, ୨୫।୫(ସମିସ):** ଗୋପବନ୍ଧୁ ପାଠାଗାର ଏବଂ ଅବସରପ୍ରାପ୍ତ କର୍ମଚାରୀ ସଂଘର ଆଜୀବନ ସଦସ୍ୟ ଫକୀରମୋହନ ନାୟକଙ୍କ ବିୟୋଗରେ ପାଠାଗାରରେ ମିଳିତ ଶୋକସଭା ଅନୁଷ୍ଠିତ ହୋଇଛି। ଉଭୟ ଅନୁଷ୍ଠାନର ବରିଷ୍ଠ ସଦସ୍ୟ ଶଙ୍କର ପ୍ରସାଦ ତ୍ରିପାଠୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଶୋକସଭାରେ ସୁବାସ ଚନ୍ଦ୍ର ମହାପାତ୍ର ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ପ୍ରତାପ କୁମାର ମହାନ୍ତି, ଲକ୍ଷ୍ମଣନାଥ ଦାସ, ଅଜୟ କୁମାର ମହାନ୍ତି ଏବଂ ଗୋପାଳ ପ୍ରସାଦ ଜେନା ପ୍ରମୁଖଙ୍କ ସହ ଉପସ୍ଥିତ ସଦସ୍ୟମାନେ ସ୍ୱର୍ଗତ ନାୟକଙ୍କ ସ୍ମୃତିଚାରଣ କରିବା ସହ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ସ୍ୱର୍ଗତ ନାୟକ ଜଣେ ସରଳ, ଅମାୟିକ ଏବଂ ପରୋପକାରୀ ବ୍ୟକ୍ତି ଭାବେ କଲୋନୀରେ ପରିଚିତ ଥିଲେ।

ରାଉରକେଲା ଛେଣ୍ଡ ପ୍ରଥମ ଫେଜ୍ ନିବାସୀ ସ୍ୱର୍ଗତ ନାୟକ ବେଙ୍ଗାଲୁରୁରେ ତାଙ୍କ ପୁଅଙ୍କ ପାଖରେ ଥିବା ସମୟରେ ହଠାତ୍ ଅସୁସ୍ଥ ହେବାରୁ ଡାକ୍ତରଖାନାରେ ଭର୍ତ୍ତି ହୋଇଥିଲେ। ଚିକିତ୍ସାଧୀନ ଅବସ୍ଥାରେ ୭୨ବର୍ଷ ବୟସରେ ଗତ ୨୩ ତାରିଖ ତାଙ୍କ ଦେହାନ୍ତ ହୋଇଛି। ଶୋକସଭାରେ ଉଭୟ ଅନୁଷ୍ଠାନର ରମାକାନ୍ତ ଷଡ଼ଙ୍ଗୀ, ଦୀନବନ୍ଧୁ ମହାନ୍ତି, ଧ୍ରୁବଚରଣ ନାୟକ, ହରିହର ନାୟକ, ବିଦ୍ୟାଧର ମହାପାତ୍ର, କୃଷ୍ଣଚନ୍ଦ୍ର ତ୍ରିପାଠୀ, ରବିନାରାୟଣ ସିଂହ, ସୌରଭ ମହାନ୍ତି, ଡିକେ ଚକ୍ରବର୍ତ୍ତୀ, ପ୍ରଭାକର ସାହୁ, ନିମାଇଁ ପ୍ରସାଦ ରାଉତ, ନୀରଦ ଭୂଷଣ ପଟ୍ଟନାୟକ, ଦିଲୀପ କୁମାର ଦାସ, କୈଳାସ ଚନ୍ଦ୍ର ସାମଲ, ଗିରିଜା ଶଙ୍କର ଗୋସ୍ୱାମୀ, ସୁରେନ୍ଦ୍ର କୁମାର ପଣ୍ଡା, ବିବେକାନନ୍ଦ ଜେନା, ବିଶ୍ୱନାଥ ଜେନା, ଜଗବନ୍ଧୁ ଜେନା, ଶରତ ଚନ୍ଦ୍ର ମହାନ୍ତି, ମୁରାରୀ ପ୍ରଧାନ ଏବଂ ରବୀନ୍ଦ୍ର ନାଥ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ସେଲ୍ ସୁରକ୍ଷା ସଂଗଠନ ପ୍ରତିଯୋଗିତାରେ ଆର୍‌ଏସ୍‌ପି ଏସ୍‌ଏମ୍‌ଏସ୍-୨ ବିଭାଗ ଦଳ ପ୍ରଥମ

**ରାଉରକେଲା, ୨୫।୫(ସମିସ):** ଆରଏସପିର ଷ୍ଟିଲ୍ ମେଲ୍ଟିଂ ସପ-୨ (ଏସଏମଏସ-୨) ବିଭାଗ କର୍ମଚାରୀ ଦଳ ଏକ ଅଭିନବ ପ୍ରୟାସ ସୁରକ୍ଷାରେ ଯଥେଷ୍ଟ ଉନ୍ନତି ଆଣିବା ସହ କମ୍ପାନୀ ପାଇଁ ବିପୁଳ ସଞ୍ଚୟ ଆଣି ଦେଇଛି। ଏସଏମଏସ-୨ ଇଲେକ୍ଟ୍ରିକାଲ୍ ବିଭାଗର ଏମଓଏମଟି ଦୀପକ କୁମାର ମହାନ୍ତି ଓ ପ୍ରଶାନ୍ତ କୁମାର ନାୟକ ଏବଂ ଏସଏମଏସ-୨ ମେକାନିକାଲ ବିଭାଗର ଏସଓଏସଟି ଅମୂଲ୍ୟ କୁମାର ବିଶୋୟୀଙ୍କୁ ନେଇ ଗଠିତ ଦଳ ଏହି ପ୍ରକଳ୍ପକୁ ସେଲ ସୁରକ୍ଷା ସଂଗଠନ ରାଞ୍ଚି ଦ୍ୱାରା ଆୟୋଜିତ ହାଜାର୍ଡ ଆନାଲିସିସ୍ ପ୍ରତିଯୋଗିତା-୨୦୨୪ରେ ଉପସ୍ଥାପନ କରି ପ୍ରଥମ ପୁରସ୍କାର ହାସଲ କରିଥିଲେ। ଏହି ପ୍ରତିଯୋଗିତାରେ ଆରଏସପି ପ୍ରଥମ ଥର ପାଇଁ ପ୍ରଥମ ପୁରସ୍କାର ଲାଭ କରିଛି।

ଏହି ପ୍ରକଳ୍ପର ବିଷୟବସ୍ତୁ ଥିଲା ଏସଏମଏସ-୨ର ବେସିକ ଅକ୍ସିଜେନ ଫର୍ଣ୍ଣେସ (ବିଓଏଫ) ସପରେ 'କନଭର୍ଟରର ସ୍କର୍ଟ ଲିମିଟ୍ ସୁଇଚ୍ ଆଡଜଷ୍ଟ କରିବାବେଳେ କର୍ମଚାରୀ ସୁରକ୍ଷାରେ ଉନ୍ନତି'। ସୂଚନାଯୋଗ୍ୟ, କନଭର୍ଟର ହୁଡ୍‌ର ନିମ୍ନ ଭାଗରେ ଥିବା ଏକ ୱାଟର କୁଲ୍ଡ ମୁଭେବଲ ସ୍କର୍ଟ, କଣ୍ଟ୍ରୋଲ ରୁମରେ ଅପରେଟରଙ୍କ ଦ୍ୱାରା ଉତ୍ତୋଳିତ କିମ୍ବା ନିମ୍ନଗାମୀ କରାଯାଇଥାଏ ଏବଂ ବିଓଏଫ ସପର ଏଲଡି କନଭର୍ଟର ଭେସେଲର ଘୂର୍ଣ୍ଣନ ପାଇଁ ଏହା ଏକ ଅତ୍ୟାବଶ୍ୟକ




ଇଣ୍ଟରଲକ୍। ପୂର୍ବରୁ, ସ୍କର୍ଟ ଉଚ୍ଚତା ପାଇଁ ସଙ୍କେତ ପଠାଉଥିବା ଲିମିଟ ସୁଇଚ୍‌ଟି କୁଲଡ୍ ହୁଡ୍ ଟ୍ରଲି ଭିତରେ ସ୍ଥିତ ଥିଲା। ପ୍ରାୟ ୭୦ ଡିଗ୍ରୀ ସେଲସିୟସ୍‌ର ଉଚ୍ଚ ତାପମାତ୍ରା ଏବଂ ବିପଦପୂର୍ଣ୍ଣ ଗ୍ୟାସ୍ ସଂସ୍ପର୍ଶରେ ଆସିବା ଭଳି ତଥା ଲାନ୍ସରୁ ମେଟାଲ ସ୍କଲ ଖସିପଡ଼ିବା ଭଳି ଅସୁରକ୍ଷିତ ସମ୍ଭାବନା ଯୋଗୁଁ ଏହାର ରକ୍ଷଣାବେକ୍ଷଣ ଅତ୍ୟନ୍ତ ଆହ୍ୱାନ ସୃଷ୍ଟି କରିଥିଲା। କନଭର୍ଟରରେ ମେନ୍ ବ୍ଲୋ ପରେ ସ୍କର୍ଟ ଇଣ୍ଟରଲକ୍ ସମସ୍ୟାର ସମାଧାନ କରିବାରେ ଯେକୌଣସି ବିଳମ୍ବ ଯୋଗୁଁ ଟ୍ୟାପ୍ ମଧ୍ୟରେ ବ୍ୟବଧାନ ସମୟ ବୃଦ୍ଧି, ଉତ୍ପାଦନ ହ୍ରାସ, ତାପମାତ୍ରା ହ୍ରାସ ଏବଂ ଇସ୍ପାତ ରସାୟନରେ ଅବନତି ଘଟିବା ସହ ପୁନଃ ବ୍ଲୋ ଆବଶ୍ୟକତା ଯୋଗୁଁ କନଭର୍ଟର ଲାଇନିଂ ଲାଇଫ ଗୁରୁତର ହ୍ରାସ ଘଟିଥାଏ।

ବ୍ୟାପକ ମାନସମନ୍ଥନ ପରେ ଏହି କାର୍ମିକ ଦଳ ସପ ଫ୍ଲୋରର ୨୧ ମିଟର ସ୍ତରରେ ଏକ ସୁରକ୍ଷିତ ସ୍ଥାନକୁ ଲିମିଟ ସୁଇଚ୍ ସ୍ଥାନିତ କରିବାକୁ ନିଷ୍ପତ୍ତି ନେଇଥିଲେ। ସେମାନେ ଇଲେକ୍ଟ୍ରିକଲ, ମେକାନିକାଲ୍ ଏବଂ ଡିଜାଇନ୍ ବିଭାଗ ମୁଖ୍ୟମାନଙ୍କ ପରାମର୍ଶ ନେବା ସହ ବିଭାଗର ସୁରକ୍ଷା ଅଧିକାରୀଙ୍କ ସହାୟତାରେ ଏକ ପ୍ରୋଟୋକଲ୍ ପ୍ରସ୍ତୁତ କଲେ। ଏସଏମଏସ-୨ ବିଭାଗର ସିଜିଏମ ଟିପି ଶିବଶଙ୍କରଙ୍କ ମାର୍ଗଦର୍ଶନରେ ପୁଲି ଏବଂ କାଉଣ୍ଟରୱେଟ୍ ମେକାନିଜିମ୍ ସହିତ ନୂତନ ରୂପାନ୍ତରିତ ସିଷ୍ଟମ୍ କାର୍ଯ୍ୟକ୍ଷମ କରାଯାଇଥିଲା। ପ୍ରକ୍ରିୟା ସ୍ୱୟଂଚାଳିତ ପାଇଁ ସଙ୍କେତ ବହନ କରିବାକୁ ଏହାର ସାଇଟରୁ ପ୍ରୋସେସ୍ କମ୍ପ୍ୟୁଟର ରୁମକୁ କେବୁଲ ବିଛାଯାଇଥିଲା, ଯାହା ଇସ୍ପାତ ତିଆରି ସମୟରେ ଏଲଡି-କନଭର୍ଟର କାର୍ଯ୍ୟ ପାଇଁ ଏକ ଇଣ୍ଟରଲକ୍ ଭାବରେ କାର୍ଯ୍ୟ କରିଥିଲା। ସ୍ଥାନାନ୍ତରିତ ସ୍କର୍ଟ ଲିମିଟ ସୁଇଚ୍ ବର୍ତ୍ତମାନ ନିର୍ଦ୍ଧାରିତ ସମୟ ମଧ୍ୟରେ ଏହାକୁ ସୁରକ୍ଷିତ ଭାବରେ ସଜାଡ଼ିବା ପାଇଁ ରକ୍ଷଣାବେକ୍ଷଣ କର୍ମଚାରୀମାନଙ୍କୁ ସକ୍ଷମ କରିଛି। ଏହି ପ୍ରକଳ୍ପ ଦ୍ୱାରା ବାର୍ଷିକ ପ୍ରାୟ ୧.୨୮ କୋଟି ଟଙ୍କାର ଲାଭ ସୁନିଶ୍ଚିତ ହୋଇପାରିଛି।

# କ୍ୟାପ୍ଟିଭ୍ ପାୱାର୍ ପ୍ଲାଣ୍ଟ-୧ କର୍ମଚାରୀଙ୍କ ଦ୍ୱାରା ସାମଗ୍ରିକ ଉତ୍କର୍ଷତା ହାସଲ

**ରାଉରକେଲା, ୨୫।୫(ସମିସ)**



ଆର୍‌ଏସ୍‌ପି କ୍ୟାପ୍ଟିଭ୍ ପାୱାର୍ ପ୍ଲାଣ୍ଟ-୧ ଆର୍ଥିକବର୍ଷ ୨୦୨୩-୨୪ରେ କର୍ମଚାରୀଙ୍କ ଉଲ୍ଲେଖନୀୟ ପ୍ରଦର୍ଶନକୁ ଆଧାର କରି ସାମଗ୍ରିକ ଉତ୍କର୍ଷତା ହାସଲ କରିଛି। ଉଦ୍ୟୋଗୀ ପ୍ରୟାସ ମାଧ୍ୟମରେ ସାମୂହିକ ଅନେକ ଅଭିନବ କାର୍ଯ୍ୟ ସମ୍ପାଦନ ପୂର୍ବକ କାରଖାନା ପାଇଁ ମହତ୍ତ୍ୱପୂର୍ଣ୍ଣ ପ୍ରତ୍ୟକ୍ଷ ଓ ପରୋକ୍ଷ ଲାଭ ସାଧନ କରିଥିଲେ। ନିଜସ୍ୱ ସମ୍ବଳର ଉପଯୋଗ ସହକାରେ ନୂତନ ଜଳ ଟ୍ରିଟମେଣ୍ଟ ପ୍ଲାଣ୍ଟରେ ଏକ ଲୋଡିଂ ଏବଂ ଅନଲୋଡିଂ ପମ୍ପ ସୁବିଧା ସହିତ ୩୦ ଟନ୍ କ୍ଷମତା ବିଶିଷ୍ଟ କ୍ଷାର ଷ୍ଟୋରେଜ୍ ଟ୍ୟାଙ୍କରର ସଫଳ ସ୍ଥାପନା ଏବଂ କାର୍ଯ୍ୟକ୍ଷମ ହେବା ଦ୍ୱାରା ପ୍ରାୟ ୨୫ ଲକ୍ଷ ଟଙ୍କାର ସଞ୍ଚୟ ସାଧନ ହୋଇପାରିଛି।

ସେହିଭଳି, ପାୱାର ଆଣ୍ଡ ବ୍ଲୋଇଂ ଷ୍ଟେସନ୍ (ପିବିଏସ୍)ର ଷ୍ଟିମ୍ ଟର୍ବାଇନ ଜେନେରେଟର ଏସଟିଜି-୧ ଏବଂ ଏସଟିଜି-୨ର ପ୍ରଥମ ଥର ମରାମତି, ସାମଗ୍ରିକ ଦକ୍ଷତା ବୃଦ୍ଧି କରି ଆପେକ୍ଷିକ ବାଷ୍ପ ବ୍ୟବହାରକୁ ମେଗାୱାଟ ପିଛା ୦.୬୬ ଟନ୍ ହ୍ରାସ କରାଯାଇପାରିଛି। ଏହା ବ୍ୟତୀତ, ସିପିପି-୧ ଓ ସିପିପି-୩ରେ ସମସ୍ତ ଜେନେରେଟରରୁ ରିଅଲ୍-ଟାଇମ୍ ପାୱାର୍ ଉତ୍ପାଦନ ତଥ୍ୟ ପ୍ରଦର୍ଶନ କରିବାକୁ ଏକ ଗୁଗୁଲ୍ ଆଧାରିତ ୱେବ୍ ଆପ୍ଲିକେସନ୍ ବିକଶିତ କରାଯାଇଥିଲା। ଏହି ଅନୁପ୍ରୟୋଗ ସିମ୍-ମାଉଣ୍ଟେଡ୍ ମାଇକ୍ରୋ କଣ୍ଟ୍ରୋଲର୍ କାର୍ଡ ଏବଂ ୱାଇ-ଫାଇ ହଟସ୍ପଟ୍‌ରୁ ଡାଟା ପୋଲିଂକୁ ବ୍ୟବହାର କରିଥାଏ, କାର୍ଯ୍ୟକ୍ଷମ ସ୍ୱଚ୍ଛତା ଏବଂ ଦକ୍ଷତା ବୃଦ୍ଧି ଆଣିଥାଏ। ଇଲେକ୍ଟ୍ରିକଲ କ୍ଷେତ୍ରରେ ମଧ୍ୟ ଅନେକ ପ୍ରମୁଖ କାର୍ଯ୍ୟ ସମ୍ପାଦନ କରାଯାଇଥିଲା। ଚାରିଟି ଭେରିଏବଲ୍ ଭୋଲଟେଜ୍ ଭେରିଏବଲ୍ ଫ୍ରିକ୍ୱେନ୍ସି (ଭିଭିଭିଏଫ) ଡ୍ରାଇଭଗୁଡ଼ିକର କ୍ଲାରିଫ୍ଲୋକ୍ୟୁଲେଟର ବ୍ରିଜ୍‌ର ଆଜିଟେଟର ପାଇଁ ପରିବର୍ତ୍ତିତ ଗିଅରବକ୍ସ ସହିତ ସ୍ଥାପନା ପାୱାର ଏବଂ ବ୍ଲୋଇଂ ଷ୍ଟେସନର ଡିଏମ ପ୍ଲାଣ୍ଟରେ ଡିମିନେରାଲାଇଜଡ୍ ଜଳର ଗୁଣବତ୍ତାକୁ ଯଥେଷ୍ଟ ବୃଦ୍ଧି କରିଛି।

ଆରଏସପିର ଡିଜିଟାଇଜେସନ୍ ରଣନୀତି ଅନୁଯାୟୀ, ଆଇଓଟି-ଆଧାରିତ ଟ୍ରାନ୍ସଫର୍ମର କଣ୍ଡିସନ୍ ମନିଟରିଂ ସିଷ୍ଟମ୍ ଏବଂ ଆଇଡି ଫ୍ୟାନ୍ କଣ୍ଡିସନ୍ ମନିଟରିଂ ସିଷ୍ଟମ୍ ସଫଳତାର ସହିତ ସଂସ୍ଥାପିତ ହୋଇ କାର୍ଯ୍ୟକ୍ଷମ ହୋଇଥିଲା। ଏହା ବ୍ୟତୀତ, ୧୯୯୫ରେ କମିଶନ ହୋଇଥିବା ବଏଲର-୩ରେ ୱାଟର ୱାଲ ପ୍ୟାନେଲଗୁଡ଼ିକର ପ୍ରଥମ ଥର ପ୍ରତିସ୍ଥାପନ ସଫଳତାର ସହିତ କାର୍ଯ୍ୟକାରୀ କରାଯାଇଥିଲା, ଯାହାକି ଦୀର୍ଘ କାର୍ଯ୍ୟକ୍ଷମ ଜୀବନକୁ ସୁନିଶ୍ଚିତ କରିଥିଲା। ସେହିଭଳି, ସିଡିସିପି ବଏଲର-୨ରେ ଇକୋନୋମାଇଜର୍ କଏଲଗୁଡ଼ିକର ପ୍ରଥମ ଥର ବଦଳାଇବା ବଏଲର ନିର୍ଭରଯୋଗ୍ୟତା ଏବଂ ଉପଲବ୍ଧତାକୁ ଯଥେଷ୍ଟ ବୃଦ୍ଧି କରିଛି। ଇଲେକ୍ଟ୍ରିକାଲ୍ ଆଣ୍ଡ ପାୱାର୍ ବିଭାଗର ସିଜିଏମ୍ ଇନ୍-ଚାର୍ଜ ବିଏସ୍ କାର୍ଥାଙ୍କ ନେତୃତ୍ୱରେ ବିଭାଗୀୟ ସାମୁଦାୟିକ ଅଧିକ ଉତ୍କର୍ଷତା ହାସଲ ପାଇଁ ଏବଂ କାରଖାନାକୁ ଅଭିବୃଦ୍ଧି ପଥରେ ଦ୍ରୁତ ଅଗ୍ରସର ନିମନ୍ତେ ସହଯୋଗ କରିବା ପାଇଁ ନିରନ୍ତର ଉଦ୍ୟମ କରୁଛନ୍ତି।

# ବରିଷ୍ଠ ଆଇନଜୀବୀଙ୍କ ବିୟୋଗରେ ଓକିଲ ସଂଘର ଶୋକ

**ରାଉରକେଲା, ୨୫।୫(ସମିସ):** ରାଉରକେଲା ଓକିଲ ସଂଘର ବରିଷ୍ଠ ସଦସ୍ୟ ଆଇନଜୀବୀ ଗୌରୀଶ୍ୟାମ ପଟ୍ଟନାୟକଙ୍କର ୬୭ ବର୍ଷ ବୟସରେ ପରଲୋକ ହୋଇଛି। ଏ ନେଇ ଓକିଲ ସଂଘ କାର୍ଯ୍ୟାଳୟରେ ଏକ ଶୋକସଭା ଅନୁଷ୍ଠିତ ହୋଇଛି। ଉପସଭାପତି ରାଜକିଶୋର ପ୍ରଧାନ, ସମ୍ପାଦକ ଦେବାନନ୍ଦ ତନ୍ତୀ, ସହ ସମ୍ପାଦିକା (ଲାଇବ୍ରେରୀ) ଅଞ୍ଜନା ଗହୀର, ଅରିନ୍ଦମ ଦତ୍ତ, ସରୋଜ ମହାପାତ୍ର, ଅକ୍ଷୟ ସାହୁ, ପବିତ୍ର ଜେନା ପ୍ରମୁଖ ଯୋଗଦେଇ ସ୍ୱର୍ଗତ ପଟ୍ଟନାୟକଙ୍କ ସ୍ମୃତିଚାରଣ କରିବା ସହ ତାଙ୍କ ବିୟୋଗ ସଂଘ ପାଇଁ ଅପୂରଣୀୟ କ୍ଷତି ବୋଲି ମତବ୍ୟକ୍ତ କରିଥିଲେ। ଏହି ଅବସରରେ ଏକ ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା। ସ୍ୱର୍ଗତ ପଟ୍ଟନାୟକ ୧୯୮୨ରେ ରାଉରକେଲା ଓକିଲ ସଂଘ ସଦସ୍ୟତା ଗ୍ରହଣ କରିଥିଲେ। ପରବର୍ତ୍ତୀ ସମୟରେ ବିଶେଷ କରି ଫୌଜଦାରୀ ମାମଲାଗୁଡ଼ିକ ଅତି ନିପୁଣତା ସହକାରେ ପରିଚାଳନା



କରି ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଥିଲେ। ସେ ସହକର୍ମୀମାନଙ୍କ ମଧ୍ୟରେ ଅତ୍ୟନ୍ତ ମିଷ୍ଟଭାଷୀ ଓ ମେଳାପି ଥିଲେ ବୋଲି ଏହି ଅବସରରେ ମତ ପ୍ରକାଶ ପାଇଥିଲା। ସଭାରେ ବରିଷ୍ଠ ସଦସ୍ୟ ଚତୁର୍ଭୁଜ ନାଏକ, ବସନ୍ତ ପାତ୍ର, ଅଶୋକ ପ୍ରଧାନ, ବିଶ୍ୱଜିତ ମହାନ୍ତି, ଅଜୟ ମହାନ୍ତି, ଉଦ୍ଧବ ପ୍ରତାପ ସିଂ, ପ୍ରଦୀପ ଜେନା, ଅବନୀ ପ୍ରଧାନ, ଚନ୍ଦ୍ରମଣି ଦାଶ, କୁନାରାମ ମୁର୍ମୁ, ଜେପି ମୁର୍ମୁ, ସୁଷମା ସାହୁ, ଯୁଧିଷ୍ଠିର ଦ୍ୱିବେଦୀ, ବୁଧିରାମ ସ୍ୱାଇଁ, ପ୍ରଶାନ୍ତ ସେନାପତି, ଅନନ୍ତ ସାହୁ, ଆନନ୍ଦ ଅଗ୍ରୱାଲ, ନାଗେଶ ଜଗଦଳା ପ୍ରମୁଖ ଉପସ୍ଥିତ ରହି ଶୋକ ପ୍ରକାଶ କରିଥିଲେ।

# ଜୁନ୍ ୧ରେ ମତଦାନ, ପ୍ରସ୍ତୁତ ଇଭିଏମ୍

କେନ୍ଦ୍ରାପଡ଼ା, ୨୫।୫(ସମିସ): ଜିଲ୍ଲାରେ ଜୁନ୍ ୧ ତାରିଖରେ ଭୋଟ୍‌ଗ୍ରହଣ ପାଇଁ ଇଭିଏମ୍ ମେସିନ୍‌ର କମିସନିଂ କାର୍ଯ୍ୟ ଶେଷ ହୋଇଛି। ଭାରତର ନିର୍ବାଚନ ଆୟୋଗଙ୍କ ନିୟମାନୁସାରେ ସାଧାରଣ ପର୍ଯ୍ୟବେକ୍ଷକ ଭରତ କୁମାର ଭାସବା ଓ ସାକେତ ମାଲବିୟଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ, ନିର୍ବାଚନରେ ପ୍ରତିଦ୍ୱନ୍ଦିତା କରୁଥିବା ପ୍ରାର୍ଥୀଙ୍କ ପ୍ରତିନିଧିମାନଙ୍କ ଉପସ୍ଥିତିରେ ଏବଂ ରିଟର୍ଣ୍ଣିଂ ଅଫିସରମାନଙ୍କ ପରିଚାଳନାରେ ଚୂଡାନ୍ତ ଇଭିଏମ୍ କମିସନିଂ କାର୍ଯ୍ୟ ସମ୍ପାଦିତ ହୋଇଛି। କେନ୍ଦ୍ରାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟଠାରେ କେନ୍ଦ୍ରାପଡ଼ା ଲୋକସଭା ଆସନର ରିଟର୍ଣ୍ଣିଂ ଅଫିସର ସୂର୍ଯ୍ୟବଂଶୀ ମୟୂର ବିକାଶ, ପାଟକୁରା ଓ କେନ୍ଦ୍ରାପଡ଼ା ବିଧାନସଭା ନିର୍ବାଚନ ମଣ୍ଡଳୀର ରିଟର୍ଣ୍ଣିଂ ଅଫିସର ରବୀନ୍ଦ୍ର କୁମାର ପ୍ରଧାନ, ଆଳି ବିଧାନସଭା ନିର୍ବାଚନ ମଣ୍ଡଳୀର ରିଟର୍ଣ୍ଣିଂ ଅଫିସର ପୀତାମ୍ବର ସାମଲ, ରାଜନଗର ବିଧାନସଭା ନିର୍ବାଚନ ମଣ୍ଡଳୀର ରିଟର୍ଣ୍ଣିଂ ଅଫିସର ନୀଲୁ ମହାପାତ୍ର, ମହାକାଳପଡ଼ା ବିଧାନସଭା ନିର୍ବାଚନ ମଣ୍ଡଳୀର ରିଟର୍ଣ୍ଣିଂ ଅଫିସର ଅଶୋକ କୁମାର ଦାଶଙ୍କ ପରିଚାଳନାରେ ଗତ ବୁଧବାରଠାରୁ ଆରମ୍ଭ ହୋଇଥିବା କମିସନିଂ କାର୍ଯ୍ୟ ଆଜି ଶେଷ ହୋଇଛି। ପ୍ରାର୍ଥୀଙ୍କ ପ୍ରତିନିଧି, ରିଟର୍ଣ୍ଣିଂ ଅଫିସର, ସଶସ୍ତ୍ର ପୁଲିସର ଉପସ୍ଥିତିରେ ଭିଡିଓଗ୍ରାଫି କରାଯାଇ ଷ୍ଟ୍ରଙ୍ଗ୍‌ରୁମ୍ ଖୋଲାଯାଇଥିଲା। ଇଭିଏମ୍ ଗୁଡିକର ବାଲାଟ୍ ୟୁନିଟ୍, କଣ୍ଟ୍ରୋଲ୍ ୟୁନିଟ୍ ଓ ଭିଭିପାଟ ଆଣିବା ପରେ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ପ୍ରାର୍ଥୀମାନଙ୍କ ବାଲାଟ୍ ପେପର୍ ସେଟିଂ କରିବା, ରିଟର୍ଣ୍ଣିଂ ଅଫିସରଙ୍କ ଦସ୍ତଖତରେ ଆଡ୍ରେସ୍ ଟ୍ୟାଗ୍ କରିବା, ଯେତିକି ଜଣ ପ୍ରାର୍ଥୀ ଓ ଗୋଟିଏ ନୋଟାକୁ ମିଶାଇ ସେତିକି ପ୍ରାର୍ଥୀଙ୍କ ବାଲାଟ୍ ବଟନ୍ ବ୍ୟବହାର କରିବା ନିମନ୍ତେ ରଖି ଅନ୍ୟ ବଟନକୁ ବ୍ୟବହାର ଅଯୋଗ୍ୟ କରିବା, ବାଲାଟ୍ ୟୁନିଟ୍‌ର ଉପର ଓ ତଳମୁଣ୍ଡ ବଟନ୍‌କୁ ନଛୁଇଁ ପେପର ସିଲ୍ କରିବା ଓ ଆଡ୍ରେସ୍ ଟ୍ୟାଗ୍ ଲଗାଇବା, କଣ୍ଟ୍ରୋଲ୍ ୟୁନିଟ୍‌ରେ ବ୍ୟାଟେରୀ ସେଟ୍ କରିବା ଓ ପ୍ରତ୍ୟେକ ଆଡ୍ରେସ୍ ଟ୍ୟାଗ୍‌ରେ ଜଉମୁଦ ସିଲ୍ କରିବା ଓ ଭିଭିପାଟ୍ ଉପରେ ସମସ୍ତ ବିଧି ଅନୁଯାୟୀ କମିସନିଂ କରାଯାଇଥିଲା। ଶେଷରେ ରିଟର୍ଣ୍ଣିଂ ଅଫିସରଙ୍କ ପରିଚାଳନାରେ ପ୍ରାର୍ଥୀଙ୍କ ପ୍ରତିନିଧିମାନଙ୍କ ଉପସ୍ଥିତିରେ ଏକ ହଜାର ଲେଖାଏଁ ମକ୍ ପୋଲ୍ କରାଯାଇଥିଲା। ଏହି କାର୍ଯ୍ୟରେ ସମସ୍ତ ପ୍ରାର୍ଥୀଙ୍କ ପ୍ରତିନିଧିମାନେ ସନ୍ତୋଷ ପ୍ରକାଶ କରିବା ସହ ଜିଲ୍ଲା ପ୍ରଶାସନର ସମସ୍ତ ପଦକ୍ଷେପକୁ ଭୂୟସୀ ପ୍ରଶଂସା କରିଛନ୍ତି।





ସୂଚନାଯୋଗ୍ୟ, ପାଟକୁରା, କେନ୍ଦ୍ରାପଡ଼ା, ଆଳି, ରାଜନଗର ଓ ମହାକାଳପଡ଼ା ପାଇଁ ଯଥାକ୍ରମେ ୩୦୯, ୨୪୬, ୩୧୯, ୨୮୭ ଓ ୨୮୪ ଟି ମତଦାନ କେନ୍ଦ୍ର ରହିଛି। ପାଟକୁରା ପାଇଁ ୩୭୩ଟି ବାଲାଟ୍ ୟୁନିଟ୍, ୩୭୩ଟି କଣ୍ଟ୍ରୋଲ୍ ୟୁନିଟ୍ ଓ ୪୧୪ଟି ଭିଭିପାଟ୍; କେନ୍ଦ୍ରାପଡ଼ା ପାଇଁ ୨୯୭ଟି ବାଲାଟ୍ ୟୁନିଟ୍, ୨୯୭ଟି କଣ୍ଟ୍ରୋଲ୍ ୟୁନିଟ୍ ଓ ୩୨୯ଟି ଭିଭିପାଟ୍; ଆଳି ପାଇଁ ୩୮୫ଟି ବାଲାଟ୍ ୟୁନିଟ୍, ୩୮୫ଟି କଣ୍ଟ୍ରୋଲ୍ ୟୁନିଟ୍ ଓ ୪୨୭ଟି ଭିଭିପାଟ୍; ରାଜନଗର ପାଇଁ ୩୪୭ଟି ବାଲାଟ୍ ୟୁନିଟ୍, ୩୪୭ଟି କଣ୍ଟ୍ରୋଲ୍ ୟୁନିଟ୍ ଓ ୩୮୪ଟି ଭିଭିପାଟ୍; ମହାକାଳପଡ଼ା ପାଇଁ ୩୪୩ଟି ବାଲାଟ୍ ୟୁନିଟ୍, ୩୪୩ଟି କଣ୍ଟ୍ରୋଲ୍ ୟୁନିଟ୍ ଓ ୩୭୨ଟି ଭିଭିପାଟ୍ କମିସନିଂ ହୋଇ ରହିଛି। ଭୋଟ୍‌ଗ୍ରହଣ ସମୟରେ ଯାନ୍ତ୍ରିକ ତ୍ରୁଟିକୁ ଦୃଷ୍ଟିରେ ରଖି ଭାରତର ନିର୍ବାଚନ ଆୟୋଗଙ୍କ ନିର୍ଦ୍ଦେଶାନୁସାରେ ଅଧିକ ପରିମାଣର ବାଲାଟ୍ ୟୁନିଟ୍, କଣ୍ଟ୍ରୋଲ୍ ୟୁନିଟ୍ ଓ ଭିଭିପାଟ୍ କମିସନିଂ କରାଯାଇଛି। ଜୁନ୍ ୧ ତାରିଖରେ ଗଣତନ୍ତ୍ରର ଏହି ମହାପର୍ବରେ ସାମିଲ ହୋଇ ଶତପ୍ରତିଶତ ମତଦାନ କରିବାକୁ ଜିଲ୍ଲା ନିର୍ବାଚନ ଅଧିକାରୀ ନିବେଦନ କରିଛନ୍ତି।

**୮୦୦ ମିଟର ବ୍ୟବଧାନରେ ଦୁଇ ଜିଲ୍ଲା ପୁଲିସର ଚେକିଂ**

## ମହିଳାଙ୍କ ବେକରୁ ସୁନାଚେନ ଝାମ୍ପିନେଲେ ଦୁର୍ବୃତ୍ତ

ରାଜକନିକା, ୨୫।୫(ସମିସ): ନିର୍ବାଚନ ପାଇଁ ଜିଲ୍ଲା ସୀମାରେ ପୁଲିସର ନକାବନ୍ଦୀ। ଉଭୟ କେନ୍ଦ୍ରାପଡ଼ା ଓ ଭଦ୍ରକ ଜିଲ୍ଲା ପୁଲିସ ନିଜ ନିଜ ସୀମାରେ ଚେକିଂକୁ ଜୋରଦାର କରାଯାଇଛି। ଏହାସତ୍ତ୍ୱେ ଗତ ୨୩ ତାରିଖ ଠିକ୍ ମଧ୍ୟାହ୍ନ ୧୨.୪୫ରେ ସ୍କୁଟିରେ ଚାନ୍ଦବାଲିକୁ ଯାଉଥିବା ସମୟରେ ଜଣେ ମହିଳାଙ୍କ ବେକରୁ ବାଇକ୍‌ରେ ଆସି ଦୁଇ ଜଣ ଲୁଟେରା ସୁନାଚେନ ଝାମ୍ପି ପଳାଇଛନ୍ତି।

ରାଜକନିକା ଥାନା ଅନ୍ତର୍ଗତ ଆଖୁଳିପଡ଼ା ଗାଁର ଦମୟନ୍ତୀ କରଣ ନିଜ ସ୍କୁଟିରେ ପୁଅକୁ ବସାଇ ରାଜକନିକାରୁ ଚାନ୍ଦବାଲି ଯିବା ବାଟରେ ଓସ୍ତିଆ ଛକରେ ଗାଡି ରଖି ହେଲମେଟ ପିନ୍ଧୁଥିଲେ। ଏହି ସମୟରେ ଦୁଇଜଣ ଯୁବକ ହଠାତ ଏକ ବାଇକରେ ଆସି ଦମୟନ୍ତୀଙ୍କ ବେକରୁ ସୁନା ଚେନ ନେଇ ଦ୍ରୁତ ଗତିରେ ଚାନ୍ଦବାଲି ଆଡ଼କୁ ପଳାଇଥିଲେ। ସେଠାରେ ଡେରା ପକାଇଥିବା ନିର୍ବାଚନ ଚେକିଂ କ୍ୟାମ୍ପରେ ଦମୟନ୍ତୀ ଜଣାଇ ନିଜେ ସେହି ଗାଡିକୁ ପିଛା କରିଥିଲେ। ଦମୟନ୍ତୀଙ୍କ ଠାରୁ ଲୁଟର ଖବର ପାଇ ରାସ୍ତାରେ ଯାଉଥିବା ଅନ୍ୟ ଦୁଇ ଯୁବକ ମଧ୍ୟ ଏହି ଦୁଇ ଲୁଟେରାଙ୍କୁ ଗୋଡ଼ାଇ ଥିଲେ। ହେଲେ ଉଭୟ ଜିଲ୍ଲା ପୁଲିସକୁ ତୁରନ୍ତ ଖବର ଦେଇ ଦମୟନ୍ତୀ ନିଜ ଚେନ ଲୁଟେରାଙ୍କୁ ଧରିବା ପାଇଁ ଅନୁରୋଧ କରିଥିଲେ ବି ଦୁଇ କ୍ୟାମ୍ପର ପୁଲିସ ବିଳମ୍ବ କରିବାରୁ ଲୁଟେରା ଅନାୟାସରେ ଖସି ଯାଇଥିବା ଅଭିଯୋଗ କରିଛନ୍ତି। ଲୁଟେରାଙ୍କୁ ଧରିବା ବଦଳରେ ପୁଲିସ ଦମୟନ୍ତୀଙ୍କୁ ଚାନ୍ଦବାଲି ଥାନା ଓ ରାଜକନିକା ଥାନା ଦଉଡ଼ାଇ ସମୟ ନଷ୍ଟ କରିବା, କୌଣସି ବାଇକରେ ଦୁଇ ଦୁଇ ଜଣ ହେଲମେଟ ଦେଇ ଯାଉ ନ ଥିବା ବେଳେ କେବଳ ଲୁଟ ପାଇଁ ଏହି ରାସ୍ତାରେ ଯିବା ଆସିବା କରୁଥିବା ବାଇକ ଲୁଟେରାଙ୍କୁ ଧରୁନାହିଁ ବୋଲି ଦମୟନ୍ତୀ କହିଛନ୍ତି। ପୁଣି ଘଟଣାକୁ ସିସିଟିଭି ଜରିଆରେ ଚେକିଂ ପାଇଁ ପୁଲିସକୁ କହିବା ପରେ ଚାନ୍ଦବାଲି ପୁଲିସ ତାଙ୍କୁ ଥାନା ଗାଡ଼ିରେ ବସାଇ ଅଳ୍ପ କେଇ ମିଟର ନେଇ ଓହ୍ଲାଇ ଦେବା ଭଳି ଘଟଣା ନାନା ସନ୍ଦେହ ସୃଷ୍ଟି କରୁଛି। ତେବେ ଘଟଣାସ୍ଥଳରୁ ଦମୟନ୍ତୀ ଗାଡିର ନମ୍ବର ୩୫୦୩ ପଢ଼ିଥିବା ଉଲ୍ଲେଖ କରି ରାଜକନିକା ଥାନାରେ ଏତଲା ଦେବା ପରେ ପୁଲିସ ସିସିଟିଭିରୁ ଦୁଇ ଲୁଟେରାଙ୍କ ଫଟୋ ପାଇଥିବା ଜଣାପଡ଼ିଛି।

## ୬ ଲକ୍ଷ ଟଙ୍କାର ବ୍ରାଉନ୍‌ସୁଗର ଜବତ; ଜଣେ ଗିରଫ



ପାରାଦୀପ, ୨୫।୫(ସମିସ): ପାରାଦୀପ ଅବକାରୀ ରେଞ୍ଜ ପୁଲିସ ଚଢଉ କରି ଜଣେ ବ୍ରାଉନ୍‌ସୁଗର ବେପାରିକୁ ଜିରୋ ପଏଣ୍ଟ ଛକ ନିକଟରୁ ଗିରଫ କରିଛି। ତା ପାଖରୁ ୫୭ ଗ୍ରାମ ବ୍ରାଉନ୍‌ସୁଗର ଜବତ ହୋଇଛି। ସେ ହେଲା ବିଶ୍ୱାଳି ଉତ୍ସବାନନ୍ଦପୁରର ବିମଳ ସାହୁ (୫୦)। ଏନେଇ ଥାନାରେ ଏକ ମାମଲା ରୁଜୁ କରାଯିବା ସହ ତାକୁ କୋର୍ଟ ଚାଲାଣ କରାଯାଇଛି।

ସୂଚନା ଥାଉକି ପାରାଦୀପ ଅଞ୍ଚଳ ଏବେ ନିଶା କାରବାରର ହବ୍ ପାଲଟିଛି। ପ୍ରତ୍ୟକ ଦିନ ମଦ, ଗଞ୍ଜେଇ ଓ ବ୍ରାଉନ୍‌ସୁଗର କାରବାର କରୁଥିବା ଲୋକଙ୍କୁ ପୁଲିସ ଗିରଫ କରୁଛି। ହେଲେ କିଭଳି ଏହା ରୋକାଯାଇପାରିବ ସେ ସମ୍ପର୍କରେ କିଛି ସ୍ଥାୟୀ ପ୍ରତିକାର ଗ୍ରହଣ କରାଯାଉନି। ପୁଲିସ ଆଜି ଯାହାକୁ ବାନ୍ଧି ଜେଲ ପଠାଉଛି, ସେ ପୁଣି ଖୁବ୍ କମ ଦିନ ଭିତରେ ଜେଲରୁ ଆସି ବ୍ୟବସାୟ ଆରମ୍ଭ କରୁଛି। ଗତ ସପ୍ତାହରେ ଅବକାରୀ ରେଞ୍ଜ ପୁଲିସ ୫ ଲକ୍ଷ ଟଙ୍କାର ବ୍ରାଉନ୍‌ସୁଗର ଜବତ କରିଥିଲା।

## ଖରସ୍ରୋତା ନଦୀ ଜଳ ଅନୁଧ୍ୟାନ କଲେ କେମ୍ବ୍ରିଜ ବିଶ୍ୱବିଦ୍ୟାଳୟ ଟିମ୍



ରାଜକନିକା, ୨୫।୫(ସମିସ): ସମୟ ସ୍ରୋତରେ ଧୀରେ ସଙ୍କୁଚିତ ହୋଇ ଆସୁଥିବା ଖରସ୍ରୋତା ନଦୀ ଏକ ସମୟରେ ନଦୀ ଉପତ୍ୟକାର ଜନ ଜୀବନର ପ୍ରମୁଖ ଉତ୍ସ ପାଲଟିଥିବା ବେଳେ ଏହି ନଦୀର ପାଣି ପାନୀୟ ଜଳ ଭାବରେ ବ୍ୟବହୃତ ହେବା ସହ ରୋଷେଇରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲା। ଏହି ନଦୀର କ୍ଷୀପ୍ର ଗତି ଯୋଗୁ ଏହାକୁ ଖରସ୍ରୋତା ନାମରେ ନାମିତ କରି ଜନଜୀବନ ପୁଣ୍ୟ ଗଙ୍ଗା ଭାବରେ ଆଦରି ନେଇଥିଲେ। ଯାଜପୁର ଜିଲ୍ଲାରୁ ବାହାରି କେନ୍ଦ୍ରାପଡ଼ା ଜିଲ୍ଲା ଦେଇ ବଙ୍ଗୋପସାଗରରେ ମିଶିଥିବା ଏହି ନଦୀ ଧୀରେ ଉପର ମୁଣ୍ଡରେ ଶିଳ୍ପାୟନର ବ୍ୟାରେଜ ଓ ଚେକ ଡ୍ୟାମ ନିର୍ମାଣ ଯୋଗୁ ନଦୀ ଜଳକୁ ଶିଳ୍ପରେ ବ୍ୟବହାର ହେବାରୁ ଏହାର ଧାର କ୍ଷୀଣ ହେବାରେ ଲାଗିଛି। ଆଉ ଏହି ନଦୀର ଜଳଜୀବମାନଙ୍କ ମଧ୍ୟରେ ଅତ୍ୟନ୍ତ ମଧୁର ପ୍ରଜାତିର ମାଛ ବଢୁଥିବାରୁ ମତ୍ସ୍ୟଜୀବୀମାନଙ୍କ ଏହି ନଦୀ ଜୀବିକା ଦେଇ ଆସୁଥିଲା। ମାତ୍ର ସମୟର ପ୍ରାବଧାନରେ ଏହି ନଦୀ ପାଣିକୁ ନେଇ ବିବାଦ ଆରମ୍ଭ ହେବା ସହ ରାସାୟନିକ ଦ୍ରବ୍ୟର ବହୁଳ ବ୍ୟବହାରରେ ଏହି ପାଣି ଏବେ ବିଷାକ୍ତ ହୋଇଉଠିଛି। ଦେଶର କେତେକ ପ୍ରମୁଖ ମଧୁର ଜଳ ବିଶିଷ୍ଟ ନଦୀ ମଧ୍ୟରୁ ବିଷାକ୍ତ ହେଉଥିବା ଏହି ନଦୀ ଉପରେ କେମ୍ବ୍ରିଜ ବିଶ୍ୱବିଦ୍ୟାଳୟର ଏକ ଟିମ୍ ଏହି ନଦୀ ଅବବାହିକାରେ ପହଞ୍ଚି ଏକ ସର୍ବେକ୍ଷଣ ଆରମ୍ଭ କରିଛନ୍ତି। ଏହି ଟିମ୍ ନଦୀ ଜଳ ସମ୍ପର୍କରେ କେନ୍ଦ୍ର ସରକାରଙ୍କୁ ସେମାନଙ୍କ ରିପୋର୍ଟ ଦେବେ ବୋଲି ଏକ ସୂତ୍ରରୁ ଜଣାପଡ଼ିଛି। ଖରସ୍ରୋତା ନଦୀ ଜଳକୁ ନେଇ ସର୍ବେକ୍ଷଣ ଆରମ୍ଭ ହୋଇଥିବାରୁ ପୁଣି ଖରସ୍ରୋତା ତାର ମୌଳିକ ସ୍ଥିତିରେ ସୁଧାର ଆଣିପାରିବ ବୋଲି ଆଶା ପ୍ରକଟ ହୋଇଛି।

## ୧୦ଫୁଟିଆ ଅଜଗର ଉଦ୍ଧାର

ରାଜକନିକା, ୨୫।୫(ସମିସ): ଭିତରକନିକା ସାମୁଦ୍ରିକ ଅଭୟାରଣ୍ୟ ସଂଯୁକ୍ତ ଅଞ୍ଚଳରେ ବିବିଧ ସରୀସୃପମାନଙ୍କ ବିଚରଣ ଜନ ଜୀବନକୁ ଭୟରେ ରଖି ଆସୁଥିବା ବେଳେ ଗତକାଲି ରାତିରେ ଏକ ଚିଙ୍ଗୁଡ଼ି ଫାର୍ମରେ ବିଚରଣ କରୁଥିବା ଅଜଗର ସାପକୁ ଉଦ୍ଧାର କରାଯାଇଛି। ସୂଚନାଯୋଗ୍ୟ ଯେ ଏହି ଭିତରକନିକା ଜାତୀୟ ଉଦ୍ୟାନରୁ ବୈତରଣୀ ନଦୀ ଦେଇ ରାଜକନିକା ପଟକୁ ସବୁବେଳେ ସରୀସୃପ ସହ ବିଭିନ୍ନ ଜୀବଜନ୍ତୁ ପଶି ଆସୁଥିବା କ୍ରମରେ ଡଜରପୁର ଲଞ୍ଚଘାଟ ନିକଟ ଏକ ବିଷ୍ଣୁ ଦାସଙ୍କ ଚିଙ୍ଗୁଡ଼ି ଫାର୍ମ ମଧ୍ୟକୁ ଏକ ୧୦ ଫୁଟ ଲମ୍ବର ଅଜଗର ସାପ ପଶି ଆସୁଥିବା ଦେଖି ବିଷ୍ଣୁ ସ୍ଥାନୀୟ ଅଞ୍ଚଳରେ ସାପ ଧରୁଥିବା ତପନକୁ ଯୋଗାଯୋଗ କରିଥିଲେ। ରାତି ପ୍ରାୟ ୧୨ ଟା ପରେ ତପନ ଏହି ଖବର ପାଇ ତତକ୍ଷଣାତ ସେହି ଫାର୍ମକୁ ଯାଇ ଏହି ବିଶାଳ ଅଜଗର ସାପକୁ ଉଦ୍ଧାର କରି ଏକ ପ୍ଲାଷ୍ଟିକ ଡ୍ରମରେ ରଖିଥିଲେ। ଆଜି ପୂର୍ବାହ୍ନରେ ଉଦ୍ଧାର ହୋଇଥିବା ଏହି ସାପକୁ ତପନ ନିଜ ସାଥିମାନଙ୍କ ସହ ନେଇ ପୁଣି ସେଇ ବୈତରଣୀ ନଦୀରେ ଛାଡି ଦେଇଥିଲେ। ତେବେ ଭିତରକନିକା ଜାତୀୟ ଉଦ୍ୟାନର ଏହି ବିରଳ ପ୍ରଜାତିର ଅଜଗରକୁ ଉଦ୍ଧାର ପରେ ଦେଖିବାକୁ ବହୁତ ଭିଡ଼ ଲାଗିଥିବା ବେଳେ ଏଭଳି ସାପର ବିଚରଣ ଯୋଗୁ ସାଧାରଣରେ ଭୟର ବାତାବରଣ ଖେଳିଯାଇଛି। ତେବେ ନିଜ ସାପ ଧରିବାର ନିଆରା କୌଶଳରେ ଦିନକୁ ଦିନ ବହୁ ପ୍ରଜାତିର ସାପ ଧରୁଥିବା ତପନଙ୍କ ସାହସକୁ ସ୍ଥାନୀୟ ଅଞ୍ଚଳରେ ପ୍ରଶଂସା କରାଯାଇଛି।



## ୨୭ରେ ମୁଖ୍ୟମନ୍ତ୍ରୀ ଓ ୨୯ରେ ପ୍ରଧାନମନ୍ତ୍ରୀଙ୍କ କେନ୍ଦ୍ରାପଡ଼ା ଗ୍ରସ୍ତ

କେନ୍ଦ୍ରାପଡ଼ା, ୨୫।୫(ସମିସ): କେନ୍ଦ୍ରାପଡ଼ା ସାଂସଦ କ୍ଷେତ୍ରକୁ ସବୁ ଦଳ ପକ୍ଷରୁ ଏବେ ଫୋକସ ଦିଆଯାଉଛି। ଏନେଇ ଆସନ୍ତା ୨୭ ତାରିଖରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ୨୯ ତାରିଖରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କେନ୍ଦ୍ରାପଡ଼ାକୁ ନିର୍ବାଚନୀ ପ୍ରଚାର ପାଇଁ ଆସୁଛନ୍ତି। ଉଭୟ କେନ୍ଦ୍ରାପଡ଼ାର ବାରୋସ୍ଥିତ ପଡ଼ିଆରେ ନିର୍ବାଚନୀ ସଭା କରିବାର କାର୍ଯ୍ୟକ୍ରମ ରହିଥିବା ନେଇ ଜିଲ୍ଲା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।

## ଅଦିନେ ଫୁଟିଲା ଆମ୍ବ ବଉଳ



ଡେରାବିଶ, ୨୫।୫(ସମିସ): ଡେରାବିଶ ବ୍ଲକ ହରିଅଙ୍କ ପଞ୍ଚାୟତ ଅନ୍ତର୍ଗତ ପାଣିଓଲା ଠାରେ ଲୁଣାନଦୀ କୂଳରେ ଥିବା ଏକ ଆମ୍ବ ଗଛରେ ଆମ୍ବ ବଉଳ ଏବେ ଭର୍ତ୍ତିହୋଇଥିବା ଦେଖିବାକୁ ମିଳିଛି। ଏବେ ସାଧାରଣତଃ ଆମ୍ବ ପାଚିବା ଋତୁ ହୋଇଥିବା ବେଳେ ଅଦିନରେ ଏହି ଗଛରେ ଆମ୍ବ ବଉଳ ହେବା ସ୍ଥାନୀୟ ଅଞ୍ଚଳର ଲୋକଙ୍କୁ ଆଶ୍ଚର୍ଯ୍ୟ କରିଛି। ତେବେ ସ୍ଥାନୀୟ ଲୋକଙ୍କ କହିବା ଅନୁଯାୟୀ ଏହି ଗଛଟି ବହୁ ବର୍ଷର ପୁରୁଣା। ପୂର୍ବରୁ ଏହି ଗଛରେ କେବେବି ଅଦିନରେ ଆମ୍ବ ବଉଳ ହୋଇନଥିଲା। ଚଳିତ ବର୍ଷ ଏହି ଗଛରେ ଆମ୍ବ ବଉଳ ହୋଇଥିଲା। କିନ୍ତୁ କୁହୁଡ଼ି ଫଳରେ ଆମ୍ବ କଷି ନଧରି ସବୁ ବଉଳ ଝଡ଼ି ଯାଇଥିଲା। ଏବେ ପୁଣି ଆଉଥରେ ଗଛରେ ବଉଳ ଧରିବା ଘଟଣାକୁ ବଦଳୁଥିବା ପାଣିପାଗ ଓ ପରିବେଶକୁ ଦାୟୀ କରିଛନ୍ତି ସ୍ଥାନୀୟ ଲୋକମାନେ।

**ଗରିବ ଛାତ୍ରଛାତ୍ରୀଙ୍କ ପାଇଁ ଦେବଦୂତ ପାଲଟିଛନ୍ତି ସାଗର**

## ନିଜ ଖର୍ଚ୍ଚରେ ଦେଉଛନ୍ତି ମାଗଣା କୋଚିଂ

କେନ୍ଦ୍ରାପଡ଼ା, ୨୫।୫(ସମିସ): କେନ୍ଦ୍ରାପଡ଼ା ଜିଲ୍ଲାରେ ବିନା ପଞ୍ଜିକରଣରେ ମାଳ ମାଳ କୋଚିଂ ଖୋଲି ଛାତ୍ରଛାତ୍ରୀଙ୍କୁ ଲୁଟ କରାଯାଉଥିବାବେଳେ ଜଣେ ବ୍ୟକ୍ତି ଗାଁ ଗାଁ ବୁଲି ମାଗଣାରେ ଶିକ୍ଷାଦାନ କରୁଛନ୍ତି। ପ୍ରକୃତ ଶିକ୍ଷା ପାଇବାରୁ ବଞ୍ଚିତ ଛାତ୍ରଛାତ୍ରୀଙ୍କୁ ଖୋଜି ଖୋଜି ଏକାଠି କରି ମାଗଣା ଶିକ୍ଷାଦାନ କରୁଛନ୍ତି। ଗରିବ ନିଷ୍ପେସିତ ଛାତ୍ରଛାତ୍ରୀଙ୍କ ପାଇଁ ସେ ଦେବଦୂତ ପାଲଟିଛନ୍ତି। ନିଜ ରୋଜଗାରରୁ ବଞ୍ଚିତ କରି ଛାତ୍ରଛାତ୍ରୀଙ୍କୁ ଖାତା, କଲମ ଦେଇ ପାଠ ପଢ଼ାଉଛନ୍ତି। ଏହା ହେଉଛି କେନ୍ଦ୍ରାପଡ଼ା ଜିଲ୍ଲା କଂସାର ପଞ୍ଚାୟତର ଏଣ୍ଡର ଗ୍ରାମର ମାନବାଧିକାର କର୍ମୀ ସାଗର ଜେନାଙ୍କ କଥା। ସାଗର ଆଜି ପର୍ଯ୍ୟନ୍ତ ମାନବାଧିକାର କ୍ଷୁର୍ଣ୍ଣ ନେଇ ୧୨ ଶହରୁ ଅଧିକ ଅଭିଯୋଗ କରିଥିବାବେଳେ ୨୦୦ରୁ ଉର୍ଦ୍ଧ୍ୱ ମାମଲାରେ ଲୋକ ଉପକୃତ ହେଉଛନ୍ତି। ଅନ୍ୟାନ୍ୟ ମାମଲାର ତଦନ୍ତ ଚାଲିଛି। କେବଳ କେନ୍ଦ୍ରାପଡ଼ାର ୩୦ରୁ ଉର୍ଦ୍ଧ୍ୱ ମାମଲାରେ ଲୋକଙ୍କୁ ଉପକୃତ ମିଳିଛି। ଗତ ଦୀପାବଳିରୁ ଗରିବ, ନିଷ୍ପେସିତ ଛାତ୍ରଛାତ୍ରୀ ଯେଉଁମାନେ ବିଦ୍ୟାଳୟ ଯାଉନାହାଁନ୍ତି ଆଉ ଯେଉଁମାନେ ବିଦ୍ୟାଳୟ ଯାଉଛନ୍ତି ସେମାନେ ପାଠ ପଢୁନାହାନ୍ତି ଏହିଭଳି ଛାତ୍ରଛାତ୍ରୀଙ୍କୁ ସାଗର ଟାର୍ଗେଟ କରି ପାଠ ପଢ଼ାଉଛନ୍ତି। ପାଠ ପଢ଼ା ପ୍ରତି ସେମାନଙ୍କ ଉତ୍ସାହ ବଢ଼ିବା ନେଇ ବିଭିନ୍ନ ଲୋଭ ଦେଖାଇ ପାଠ ପଢ଼ାଉଛନ୍ତି। କେହି ଯେମିତି ଗୁଣାତକ ଶିକ୍ଷାରୁ ବଞ୍ଚିତ ନହେବେ ସେ ନେଇ ସାଗର ତାଙ୍କର ପ୍ରୟାସ ଆରମ୍ଭ କରିଛନ୍ତି। ଗତ ରବିବାର କଜଳା ଆଦିବାସୀ ବସ୍ତିରେ ଶତାଧିକ ପିଲାଙ୍କୁ ପାଠପଢ଼ା ପ୍ରତି ଆଦର ସୃଷ୍ଟି କରିବାକୁ ଚେଷ୍ଟା କରିଛନ୍ତି। ଓଡିଆ, ଇଂରାଜୀ, ଗଣିତ ନିଜେ ପଢ଼ାଉଛନ୍ତି। କେତେଜଣ ମିଳିମିଶି ଶିକ୍ଷାକୁ ବ୍ୟବସାୟରେ ପରିଣତ କରିବାରୁ ଆଜି ଗରିବ ନିଷ୍ପେସିତ ଛାତ୍ରଛାତ୍ରୀ ଗୁଣାତ୍ମକ ଶିକ୍ଷାରୁ ବଞ୍ଚିତ ହେଉଛନ୍ତି। ଏହା ବିରୋଧରେ ସାଗର ଲଢେଇ ଆରମ୍ଭ କରିଛନ୍ତି। ଅର୍ଥ ଅଭାବରୁ ହେଉ କିମ୍ବା ଅନ୍ୟ କୌଣସି ସମସ୍ୟାରୁ ଅଧାରୁ ପାଠପଢ଼ା ଛାଡିଥିବା ଛାତ୍ରଛାତ୍ରୀଙ୍କୁ ଖୋଜି ଖୋଜି ପାଠ ପଢ଼ିବାକୁ କହୁଛନ୍ତି। ଏଥିପାଇଁ କୌଣସି ଛାତ୍ରଛାତ୍ରୀଙ୍କୁ ଟଙ୍କାଟିଏ ଦେବାକୁ ପଡୁନି। ଅର୍ଥ ଅଭାବରୁ ଅଧାରୁ ପାଠପଢ଼ାରେ ଡୋରି ବାନ୍ଧିବା ବା ଅଧାରୁ ପାଠପଢ଼ା ଛାଡୁଥିବା ଛାତ୍ରଛାତ୍ରୀ ମାନଙ୍କ ପାଇଁ ଆଶାର ଆଲୋକ ଯୋଗାଇଛନ୍ତି ସାଗର। ନିଜେ ଛାତ୍ରଛାତ୍ରୀଙ୍କ ଘରକୁ ଯାଇ ପାଠ ପଢ଼ାଉଛନ୍ତି। ଛାତ୍ରଛାତ୍ରୀ ମାଗଣାରେ ନିଜ ଘର ପାଖରେ ବସି ପାଠ ପଢୁଛନ୍ତି। ଏହା ସାଗରଙ୍କ ଏକ ନିଆରା ପ୍ରୟାସ। ଏହି ଉଦୟମାନ ଯୁବକଙ୍କ ପ୍ରୟାସକୁ ସାଧାରଣରେ ଭୂୟସୀ ପ୍ରଶଂସା କରାଯାଇଛି।



ପ୍ରତ୍ୟେକ ଗରିବ ନିଷ୍ପେସିତ ପରିବାରର ଛାତ୍ରଛାତ୍ରୀ ଯେପରି ଗୁଣାତ୍ମକ ଶିକ୍ଷା ପାଇପାରିବେ ସେ ଦିଗରେ ସାଗର କାର୍ଯ୍ୟ କରିଚାଲିବେ ବୋଲି ସେ କହିଛନ୍ତି।

